## ସଂକ୍ଷେପରେ

### ବ୍ଲକସ୍ତରୀୟ ଶିକ୍ଷଣ ସାମଗ୍ରୀ ମେଳା

ଛତ୍ରପୁର,୨୧।୯(ଡି.ଏନ.ଏ.)-ଛତ୍ରପୁର ଅନସ୍ଲୋ ହାଇସ୍କୁଲରେ ଶନିବାର ଛତ୍ରପୁର ବ୍ଲକସ୍ତରୀୟ ଶିକ୍ଷଣ ସାମଗ୍ରୀ ମେଳା ଆୟୋଜନ କରାଯାଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଯୋଗଦେଇ ଗୁଣାତ୍ମକ ଶିକ୍ଷା କ୍ଷେତ୍ରରେ ଏଭଳି ମେଳା ଦ୍ୱାରା ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କର ଅନ୍ତର୍ନିହିତ ପ୍ରତିଭାର ବିକଶିତ ହେବ ବୋଲି କହିଥିଲେ । ଏଥିରେ ବ୍ଲକର ୧୩ କ୍ଲଷ୍ଟରରୁ ପ୍ରାୟ ୧୩୦ ରୁ ଉର୍ଦ୍ଧ୍ୱ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଚଳିତ ମାସ ୧୪ ରୁ ବ୍ଲକର ପ୍ରତି କ୍ଲଷ୍ଟରରେ ଏହି ଶିକ୍ଷଣ ସାମଗ୍ରୀ ମେଳା ଅନୁଷ୍ଠିତ ହୋଇଥିଲା। ସେଥିରେ ଯେଉଁମାନେ ଭଲ ପ୍ରଦର୍ଶନ କରିଥିଲେ ସେମାନେ ବ୍ଲକ ସ୍ତରୀୟକୁ ମନୋନୀତ ହୋଇଥିଲେ। ଏହି ବ୍ଲକସ୍ତରରେ ପୁଣି ମନୋନୀତ ହୋଇ ଅକ୍ଟୋବର ୨ରେ ହେବାକୁ ଥିବା ଜିଲାସ୍ତରୀୟ ଶିକ୍ଷଣ ସାମଗ୍ରୀ ମେଳାରେ ଅଂଶ ଗ୍ରହଣ କରିବେ। ବ୍ଲକ ଅଧକ୍ଷ ଏମ୍. ଧନଞ୍ଜୟ ରେଡ୍ଡୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ନୃସିଂହ ଚରଣ ମିଶ୍ର, ସୀତାରାମ ପାତ୍ର, ଅନସ୍ଲୋ ସ୍କୁଲ ପ୍ରଧାନ ଶିକ୍ଷୟତ୍ରୀ ନମିତା ଦେ ପ୍ରମୁଖ ଉପସ୍ଥିତ ଥିଲେ । ବିଚାରକ ଭାବେ ଅବସରପ୍ରାପ୍ତ ବିଆରସିସି କେ. ବିଭୀଷଣ ପାତ୍ର, ଜି ପାପାରାଓ, ପ୍ରଧାନ ଶିକ୍ଷକ କୋରା ପ୍ରସାଦ ଶତପଥୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ପ୍ରଧାନ ରହିଥିଲେ। ସମସ୍ତ ସିଆରସିସିମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଦୁର୍ଘଟଣାରେ ଦୁଇ ଆହତ

ଭଞ୍ଜନଗର,୨୧।୯(ଡି.ଏନ.ଏ.)- ଭଞ୍ଜନଗର ସହର ବାଗ୍‌ଦେବୀ ରୋଡ଼ରେ ଶନିବାର ଅପରାହ୍ନ ପ୍ରାୟ ୪ଟାରେ ଦୁଇଟି ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ହଳନ୍ଦଖୋଳାର ରବି ପାତ୍ର ଓ ବଡ଼ଦୋଡ଼ଙ୍ଗାର ପ୍ରେମାନନ୍ଦ ନାୟକ ଆହତ ହୋଇଛନ୍ତି। ଆହତଦ୍ୱୟଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ସ୍ଥାନୀୟ ହସ୍‌ପିଟାଲରେ ଭର୍ତ୍ତି କରିଥିଲେ।

### ବୁଗୁଡ଼ା ବ୍ଲକରେ ନୂତନ ବିଡିଓ

ବୁଗୁଡ଼ା,୨୧।୯(ଡି.ଏନ.ଏ.)-ବୁଗୁଡା ବ୍ଲକରେ ନୂତନ ବିଡିଓ ଭାବେ ତନ୍ମୟ ପାତ୍ର ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହି ଅବସରରେ ତାଙ୍କୁ ଏବିଡିଓ ସଞ୍ଜୀବରାଜ ସେନାପତି, ସହକାରୀ ଯନ୍ତ୍ରୀ ବଂଶୀଧର ପରିଡ଼ାଙ୍କ ସମେତ କାର୍ଯ୍ୟାଳୟର ଅନ୍ୟାନ୍ୟ କନିଷ୍ଠ ଯନ୍ତ୍ରୀ ଓ କର୍ମଚାରୀମାନେ ସ୍ୱାଗତ କରିଥିଲେ। ପ୍ରଶାସନ ତରଫରୁ ଜନସାଧାରଣଙ୍କୁ ଉନ୍ନତ ସେବା ଯୋଗାଇବାକୁ ବିଡିଓ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ।

### ଅଶ୍ଳୀଳ ଫଟୋ ପଠାଇ ଗିରଫ

ହିଞ୍ଜିଳିକାଟୁ,୨୧।୯(ଡ଼ି.ଏନ୍.ଏ.)- ହିଞ୍ଜିଳି ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ଅଶ୍ଳୀଳ ଫଟୋ ପଠାଇବା ଅଭିଯୋଗରେ ଜନୈକ ଯୁବକଙ୍କୁ ଶନିବାର ପୋଲିସ ଗିରଫ କରିଛି। ଗିରଫ ବ୍ୟକ୍ତି ଜଣକ ମହିଳାଙ୍କ ସହ ତାଙ୍କ ଭାଇଙ୍କୁ ମଧ୍ୟ ଅଶ୍ଳୀଳ ଫଟୋ ପଠାଇଥିଲେ। ପୋଲିସ ଅଭିଯୁକ୍ତଙ୍କୁ ଶନିବାର ଗିରଫ କରି କୋର୍ଟ ଚାଲାଣ କରିଛି। ଏନେଇ ଥାନାରେ ନଂ.୨୪୯/୧୯ରେ ମାମଲା ରୁଜୁ ହୋଇଥିବା ପ୍ରକାଶ।

## ୨୩ରୁ ଖଲ୍ଲିକୋଟ କଲେଜରେ ଡ୍ରାଇଭିଂ ଲାଇସେନ୍ସ କ୍ୟାମ୍ପ

# ଇନ୍‌ସ୍ୟୁରାନ୍ସ ସାର୍ଟିଫିକେଟ ମିଳିବ

**ବ୍ଲକ, ଏନ୍‌ଏସିରେ ବି ହେବ କ୍ୟାମ୍ପ**

ଛତ୍ରପୁର,୨୧।୯(ଡି.ଏନ.ଏ)

ନୂଆ ମୋଟରଯାନ ଆଇନ୍ ଲାଗୁ ହେବା ପରେ ଗାଡିମୋଟର କାଗଜପତ୍ର ଓ ଡ୍ରାଇଭିଂ ଲାଇସେନ୍ସ କରିବା ପାଇଁ ଛତ୍ରପୁରସ୍ଥିତ ପରିବହନ କାର୍ଯ୍ୟାଳୟରେ ପ୍ରବଳ ଭିଡ ହେଉଛି । ଡ୍ରାଇଭିଂ ଲାଇସେନ୍ସ ପାଇଁ ଦୂରଦୂରାନ୍ତରୁ ଆସୁଥିବା ଅଧିକାଂଶ ବ୍ୟକ୍ତି ଭିଡକୁ ଦେଖି ନିରାଶ ହେଉଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ନିର୍ଦ୍ଦେଶକ୍ରମେ ଆରଟିଓ ସଞ୍ଜୟ କୁମାର ବିଶ୍ୱାଳ ଗଞ୍ଜାମ ଜିଲାର ବିଭିନ୍ନ ସ୍ଥାନରେ ଡ୍ରାଇଭିଂ ଲାଇସେନ୍ସ ପାଇଁ କ୍ୟାମ୍ପ କରାଯିବ ବୋଲି କହିଛନ୍ତି। ଆସନ୍ତା ୨୩ ତାରିଖରେ ବ୍ରହ୍ମପୁରସ୍ଥିତ ଖଲ୍ଲିକୋଟ କଲେଜ ପରିସରରେ ଏହା ପରୀକ୍ଷାମୂଳକ ଭବେ ଆରମ୍ଭ କରାଯିବ। ୩ ଧରି ହେବାକୁ ଥିବା ଉକ୍ତ କ୍ୟାମ୍ପ ପ୍ରତ୍ୟହ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ କାର୍ଯ୍ୟ କରିବ । ଏଠାରେ କେବଳ ଖଲ୍ଲିକୋଟ ସ୍ୱୟଂଶାସିତ କଲେଜ ଛାତ୍ରୀଛାତ୍ରଙ୍କୁ ଡ୍ରାଇଭିଂ ଲାଇସେନ୍ସ ପ୍ରଦାନ କରାଯିବ । ଯେଉଁ ମାନଙ୍କ ବୟସ ଅଠର ବର୍ଷରୁ ଉର୍ଦ୍ଧ୍ୱ ସେମାନେ ଡ୍ରାଇଭିଂ ଲାଇସେନ୍ସ ପାଇବାକୁ ଉପଯୁକ୍ତ ବିବେଚିତ ହେବେ । ଛାତ୍ରୀଛାତ୍ର ଜନ୍ମ ତାରିଖ ପ୍ରମାଣପତ୍ର, ଆଧାରକାର୍ଡ ଏବଂ ବ୍ଲଡ ଗ୍ରୁପ୍‌ର ପ୍ରମାଣପତ୍ର ଆଣିବେ। ସେମାନେ ଅନ୍‌ଲାଇନ୍‌ରେ ଦରଖାସ୍ତ କରିବେ। ଏଥିସହ ଲର୍ନିଂ ଲାଇସେନ୍ସ ପାଇଁ ଆବଶ୍ୟକୀୟ ଦେୟ ଅନଲାଇନ୍‌ରେ ଜମା କରାଯିବ। ଅନଲାଇନ୍‌ରେ କିଛି ସାଙ୍କେତିକ ପରୀକ୍ଷା କରାଯିବା ପରୀକ୍ଷାରେ ଉତୀର୍ଣ୍ଣ ହେବା ପରେ ସେହି ସ୍ଥାନରେ ଲର୍ନିଂ ଡ୍ରାଇଭିଂ ଲାଇସେନ୍ସ ପ୍ରଦାନ କରାଯିବ । ଉକ୍ତ ସ୍ଥାନରେ ମୋଟରଯାନ ଗୁଡିକର ପ୍ରଦୂଷଣ ପରୀକ୍ଷା କରାଯିବା ସହ ଇନସ୍ୟୁରାନ୍ସ କରାଇବାର ବ୍ୟବସ୍ଥା ଉପଲବ୍ଧ ହେବ । ଏହି କ୍ୟାମ୍ପକୁ ପରିଚାଳନା ପାଇଁ କନିଷ୍ଠ ଏମ୍‌ଭିଆଇ ପ୍ରତାପ କୁମାର ବେହେରାଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି । ଏହାର ସଫଳତା ଅନୁଧ୍ୟାନ କରିବା ପରେ ପ୍ରତି ବ୍ଲକ ଏବଂ ପୌରସଂସ୍ଥାରେ ଡ୍ରାଇଭିଂ ଲାଇସେନ୍ସ କ୍ୟାମ୍ପ ଆୟୋଜନ କରାଯିବ ବୋଲି ଆର୍‌ଟିଓ ପ୍ରକାଶ କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦେଖା ସୁନ୍ଦର ବଉଳା ଗାଈ**
**ଦୁହିଁଲା ବେଳକୁ ଟୋପିଏ ନାହିଁ ।**

ଗଉଡ଼ ଗାଈ ପାଳିଥାଏ, ଦୁଧୁଆଳୀ ଗାଈ ପାଳିବା ତା'ପକ୍ଷେ ଲାଭଜନକ ହୋଇଥାଏ। ତେବେ ଦେଖିବାକୁ ସୁନ୍ଦର ହୋଇଥିବା ଗାଈ ଯଦି ଅଧିକ କ୍ଷୀର ଦେବାରେ ଅସମର୍ଥ ହୋଇଥାଏ ତା'ହେଲେ ସେ ଗାଈ ପାଳିବାରେ ଲାଭ କିଛି ରହି ନ ଥାଏ। ପରୋକ୍ଷରେ ରୂପଠାରୁ ଗୁଣ ଶ୍ରେଷ୍ଠ। ରୂପ ସୁନ୍ଦର ହୋଇଥିଲେ ମଧ୍ୟ ଗୁଣ ଯଦି ସେତେ ଭଲ ବା ଉତ୍କୃଷ୍ଟ ହୋଇ ନ ଥାଏ ତା'ହେଲେ ସେ ବ୍ୟକ୍ତି ସେତେ ଆଦର ଓ ସମ୍ମାନ ପାଇ ନ ଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଦୁଧ ଉତୁରିଲେ ଚୁଲିକୁ**
**ମଣିଷ ଉତୁରିଲେ ଗାତକୁ ।**

କ୍ଷୀର ଉତୁରିଲେ ଚୁଲିରେ ପଶିଥାଏ। ସେହିପରି ମଣିଷର ଗର୍ବ, ଅହଂକାର, ଅହମିକା ତଥା ଆସ୍ଫାଳନ ହିଁ ତାକୁ ପତନୋନ୍ମୁଖୀ କରାଇଥାଏ। ଗର୍ବ ଅଚିରେ ଖର୍ବ ହୋଇଥାଏ। ତେଣୁ ମଣିଷ ଏଥିରୁ ନିବୃତ୍ତ ରହିବା ଶୋଭନୀୟ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ୧୪ ଘଣ୍ଟା ପରେ ବିଦ୍ୟୁତ୍ ସେବା ସ୍ୱାଭାବିକ

**ଭଞ୍ଜନଗର ସହର**
- **ପାଣି, ଟେଲିଫୋନ ସେବା ବ୍ୟାହତ**
- **ଅଳ୍ପକେ ରକ୍ଷାପାଇଲେ ଯାତ୍ରୀ, ଉତ୍ତେଜନା**

ଭଞ୍ଜନଗର,୨୧।୯(ଡି.ଏନ.ଏ)

ଭଞ୍ଜନଗର ସହରର ଅଧା ଅଞ୍ଚଳରେ ଶନିବାର ସକାଳ ସାଢ଼େ ୪ଟାରୁ ବିଦ୍ୟୁତ୍ ସେବା ବ୍ୟାହତ ହୋଇପଡ଼ିଥିଲା। ୧୪ ଘଣ୍ଟା ପରେ ସନ୍ଧ୍ୟା ସାଢ଼େ ୬ଟାରେ ଏହା ସ୍ୱାଭାବିକ ହୋଇଛି। ବିଦ୍ୟୁତ୍ ସେବା ବ୍ୟାହତ ଯୋଗୁ ସହରକୁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଠିକ୍ ଭାବେ ପାଣି ଯୋଗାଣ ହୋଇପାରି ନ ଥିଲା। ଯାହାକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହ ଉତ୍ତେଜନା ଦେଖା ଦେଇଥିଲା। ବିଦ୍ୟୁତ୍, ପାଣି ଭଳି ବିଏସ୍‌ଏନଏଲ୍ ମୋବାଇଲ ଫୋନ ସେବା ମଧ୍ୟ ଶୁକ୍ରବାର ଠାରୁ ବନ୍ଦ ରହିଥିଲା। ଶନିବାର ଫୋନ ପ୍ରାୟ ବାହାରକୁ ଯାଉନାହିଁ, କାଁ ଭାଁ କଲ ଆସୁଛି। ଦିନକୁ ଦିନ ଉନ୍ନତ ଧରଣର ଜ୍ଞାନ କୌଶଳ ପ୍ରତ୍ୟେକ କ୍ଷେତ୍ରରେ ବ୍ୟବହାର ହେଉଛି। ବାତ୍ୟା କି ବନ୍ୟା ନାହିଁ ତଥାପି ଏଭଳି ବିଦ୍ୟୁତ୍, ପାଣି, ଟେଲିଫୋନ ସେବା ବ୍ୟାହତକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା।

ପ୍ରକାଶଯେ, ଶନିବାର ପ୍ରତ୍ୟୁଷରେ କୌଣସି ଏକ ବସ୍ ଛାତ ଉପରେ ସାଇକେଲ ବୋଝେଇ ହୋଇ କଲେଜ ରୋଡ଼ରୁ ବସ୍‌ଷ୍ଟାଣ୍ଡ ଅଭିମୁଖେ ଯାଉଥିଲା। ଭେଜିପୁଟ ଶିବ ମନ୍ଦିର ସମ୍ମୁଖ ରାସ୍ତା ପାର ହେଉଥିବାବେଳେ ୧୧କେଭି ଲାଇନ ତାରରେ ସାଇକେଲ ଲାଗି ଯାଇଥିଲା। ବସ୍‌ଟି ଦ୍ରୁତ ଗତିରେ ଯାଉଥିବା ଯୋଗୁ ୧୧ କେଭି ତାରଟି ଛିଣ୍ଡିବା ସହ ୨ଟି ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ଯାଇଥିଲା। ବସ୍‌ଯାତ୍ରୀମାନେ ଅଳ୍ପକେ ବର୍ତ୍ତି ଯାଇଥିଲେ। ଏହାପରେ ସାଉଥ୍‌କୋ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ବିଦ୍ୟୁତ୍ ସେବା ସ୍ୱାଭାବିକ କରିବାକୁ କାମ ଆରମ୍ଭ କରିଥିଲେ। ସନ୍ଧ୍ୟା ସାଢ଼େ ୬ଟାରେ ମରାମତି ପରେ ସ୍ୱାଭାବିକ ହୋଇଥିଲା। ପିଇବା ପାଣି ସମସ୍ୟା ନେଇ ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ଯନ୍ତ୍ରୀଙ୍କ ସହ ଯୋଗାଯୋଗ କରିବାରୁ ସେ କହିଥିଲେ, ସକାଳେ ଜେନେରେଟର ଲଗାଇ ପ୍ରାୟ ୯ଲକ୍ଷ ଲିଟର ପାଣି ଯୋଗାଇ ଦିଆଯାଇଥିଲା। ତଳିଆ ଅଞ୍ଚଳ ଲୋକେ ପାଣି ପାଇଥିବାବେଳେ ଉଚ୍ଚାସ୍ଥାନରେ ଥିବା ଲୋକେ ପାଣି ପାଇବାରେ ସମସ୍ୟା ହୋଇଥିଲା। ରାତିରେ ପୁଣି ପାଣି ଦେବା ବ୍ୟବସ୍ଥା କରାଯାଉଛି।

### ଦମ୍ପତିଙ୍କୁ ଆକ୍ରମଣ ଘଟଣା, ମାମଲା ରୁଜୁ

ଗଞ୍ଜାମ,୨୧।୯(ଡି.ଏନ.ଏ.)

ରମ୍ଭା ଥାନା ସନ୍ତୋଷପୁର ପଞ୍ଚାୟତ କୁଜିଢ଼େପା ଗ୍ରାମର ବିନାୟକ ମହାପାତ୍ର ଏବଂ ତାଙ୍କ ସ୍ତ୍ରୀ ନମିତାଙ୍କୁ ଶୁକ୍ରବାର ସନ୍ଧ୍ୟାରେ ମରଣାନ୍ତକ ଆକ୍ରମଣ ହୋଇଥିଲା। ଏ ନେଇ ବିନାୟକଙ୍କ ବାପା ମୋଚିରାମ ମହାପାତ୍ର ଶନିବାର ଶନିବାର ରମ୍ଭା ଥାନାରେ ଏତଲା ଦେଇଛନ୍ତି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ପୁଅ, ବୋହୂଙ୍କୁ ଆକ୍ରମଣ କରାଯାଇଛି ବୋଲି ମୋଚିରାମ ଏତଲାରେ ଦର୍ଶାଇଛନ୍ତି। ବିନାୟକ ଓ ନମିତା ବିଲରେ କାମ ସାରି ଶୁକ୍ରବାର ସନ୍ଧ୍ୟାରେ ଘରକୁ ଫେରୁଥିବା ଗ୍ରାମର ଏକ ପରିବାରର ୨ ଭାଇ ଠେଙ୍ଗା ଏବଂ କୋଡ଼ିରେ ଆକ୍ରମଣ କରିଥିଲେ। ପୂର୍ବରୁ ଘର କାନ୍ଥ ପାଇଁ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏ ନେଇ କୋର୍ଟ ପର୍ଯ୍ୟନ୍ତ ମାମଲା ଯାଇଥିଲା।ଏହି ରାଗ ରଖି ପୁଅ ବୋହୂଙ୍କୁ ଜୀବନରୁ ମାରିଦେବାକୁ ଉଦ୍ୟମ ହୋଇଥିବା ମୋଚିରାମ ଏତଲାରେ ଦର୍ଶାଇଛନ୍ତି । ପୋଲିସ ନଂ. ୧୯୪/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ, ନମିତାଙ୍କ ମୁହଁ ଓ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଥିବା ବେଳେ ବିନାୟକଙ୍କ ପିଠିରେ କଟା ଚିହ୍ନ ରହିଛି। ଉଭୟେ ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସିତ ହେଉଛନ୍ତି।

# ଚାରାରୋପଣ କଲେ ବିଧାୟକ, ଜିଲାପାଳ



ଜିଲାପାଳ ଚାରା ରୋପଣ କରୁଛନ୍ତି।

ଛତ୍ରପୁର,୨୧।୯(ଡି.ଏନ.ଏ.)

ଛତ୍ରପୁର ଆଇସିଆଇସିଆଇ ବ୍ୟାଙ୍କ ପକ୍ଷରୁ ସ୍ଥାନୀୟ ସର୍କିଟ ହାଉସ ରାସ୍ତା ପାର୍ଶ୍ୱରେ ଚାରା ରୋପଣ ଶନିବାର କରାଯାଇଥିଲା। ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏଥିରେ ଯୋଗଦେଇ ଚାରା ରୋପଣ କରିବା ସହ ସହର ସମସ୍ତ ରାସ୍ତା, ସ୍କୁଲ, ଅଫିସ କାର୍ଯ୍ୟାଳୟ ପରିସରରେ ଅଧିକରୁ ଅଧିକ ମାତ୍ରାରେ ଚାରା ଲଗାଇବାକୁ କହିଥିଲେ। ଜିଲାକୁ ସବୁଜ ସୁନ୍ଦରରେ ଗଢି ତୋଳିବାକୁ ହେଲେ ସମସ୍ତେ ମିଳିମିଶି ଚାରା ଲଗାଇବା ସହ ଏହାର ଯତ୍ନ ନେବାକୁ ପଡିବ ବୋଲି କୁହାଯାଇଥିଲା । କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ସୁବାସ ଚନ୍ଦ୍ର ବେହେରା, ବ୍ଲକ ଅଧ୍ୟକ୍ଷ ଏମ୍ ଧନଞ୍ଜୟ ରେଡ୍ଡୀ, ଅତିରିକ୍ତ ଜିଲାପାଳ ଲକ୍ଷ୍ମୀକାନ୍ତ ସେଠୀ, ଉପଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି, ଡୁଡା ପିଡି ସୁଦାମ ଚରଣ ମଣ୍ଡଳ, ବ୍ୟାଙ୍କର ଆଞ୍ଚଳିକ ମୁଖ୍ୟ ପ୍ରିୟଦର୍ଶୀ ପ୍ରଧାନ, ମ୍ୟାନେଜର ଜିତେନ୍ଦ୍ର ରାଉତ, ଆସିଷ୍ଟାଣ୍ଟ ମ୍ୟାନେଜର ଶୁଭେନ୍ଦୁ ପ୍ରସାଦ ବେହେରା, ଡେପୁଟି ବ୍ରାଞ୍ଚ ମ୍ୟାନେଜର ବାଳକୃଷ୍ଣ ସାହୁ, ନିଲମ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ପହଞ୍ଚିଲା ଦାଦନ ଶ୍ରମିକଙ୍କ ମୃତଦେହ

ପାତ୍ରପୁର,୨୧।୯(ଡି.ଏନ୍.ଏ.)

ପାତ୍ରପୁର ବ୍ଲକ ନାରାୟଣପୁର ଗ୍ରାମର ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କ ଗୁରବାର କେରଳରେ ମୃତ୍ୟୁ ହୋଇଥିଲା । ବ୍ୟବଚ୍ଛେଦ ପରେ ଶନିବାର ଗ୍ରାମରେ ମୃତଦେହ ପହଞ୍ଚିଛି। ସୂଚନା ମୁତାବକ, ପୂର୍ଣ୍ଣଚନ୍ଦ୍ର ପ୍ରାୟ ୬ବର୍ଷ ହେଲା କେରଳର କୋଟ୍ରେନ୍ ସହରରେ ଦାଦନ ଭାବେ କାମ କରୁଥିଲେ। କୋଠାରେ କଂକ୍ରିଟ କାମ କରୁଥିବାବେଳେ ସିଡିରୁ ପଡ଼ି ଗୁରୁତର ହୋଇଥିଲେ। କମ୍ପାନୀ ପକ୍ଷରୁ ତାଙ୍କୁ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ୩ ଦିନ ଆଇସିୟୁରେ ରହିବା ପରେ ଗୁରୁବାର ତାଙ୍କର ମୃତ୍ୟୁ ହୋଇଥିଲା। ବ୍ୟବଚ୍ଛେଦ ପରେ ଆମ୍ବୁଲାନ୍ସ ଯୋଗେ ଶନିବାର ଗ୍ରାମକୁ ମୃତଦେହ ଅଣାଯାଇ ସତ୍କାର କରାଯାଇଛି। ତାଙ୍କ ପରିବାର ଗରୀବ ଶ୍ରେଣୀର ହୋଇଥିବାରୁ ସରକାରୀ ସହାୟତା ପାଇଁ ଦାବି ହେଉଛି।

# ବ୍ଲକସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀ

କନିଷି,୨୧।୯(ଡି.ଏନ.ଏ.)

କନିଷି ହାଟସ୍ଥିତ ବାଲାଜୀ ବିଦ୍ୟାପୀଠରେ ଶନିବାର ରଙ୍ଗେଇଲୁଣ୍ଡା ବ୍ଲକସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ଲକ ଅଧକ୍ଷା ସିଏଚ୍ ଉଷାରାଣୀ, ଉପାଧ୍ୟକ୍ଷ ଅଜିତ କୁମାର ଦାଶ, ବିଇଓ ପ୍ରଭାତି ମହାପାତ୍ର, ବିଡିଓ କୁମାର ନାଗଭୂଷଣ, ପ୍ରଧାନଶିକ୍ଷକ ମୃତ୍ୟୁଞ୍ଜୟ ମିଶ୍ର, ରାମକୃଷ୍ଣ ରାଓ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ । କାର୍ଯ୍ୟକ୍ରମରେ ରଙ୍ଗେଇଲୁଣ୍ଡା ବ୍ଲକ ଓ ବ୍ରହ୍ମପୁରର ୨୩୭ଟି ପ୍ରାଥମିକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ଅଂଶଗ୍ରହଣ କରିଥିଲେ। ୪୦୦ରୁ ଉର୍ଦ୍ଧ୍ୱ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶିତ ହୋଇଥିଲା । ଏବିଇଓ, ସିଆରସିସି, ବାଲାଜୀ ବିଦ୍ୟାପୀଠର ସମସ୍ତ ଶିକ୍ଷୟତ୍ରୀ ଶିକ୍ଷକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ ସମନ୍ୱୟ ଆବଶ୍ୟକ



ଉପସ୍ଥିତ ଅଭିଭାବକ।

ଭଞ୍ଜନଗର,୨୧।୯(ଡି.ଏନ.ଏ)

ସରକାରୀ ଶିକ୍ଷାନୁଷ୍ଠାନରେ ଛାତ୍ରୀଛାତ୍ରଙ୍କ ନାମ ଲେଖାଇବା ପରେ ଅଭିଭାବକମାନେ ଆଉ ବିଦ୍ୟାଳୟ କିମ୍ବା କଲେଜକୁ ସେମାନଙ୍କ ଭଲମନ୍ଦ ବୁଝିବାକୁ ପ୍ରାୟ ଆସୁନାହାନ୍ତି। ପ୍ରଥମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ଅଭିଭାବକ ଶିକ୍ଷକ ସମନ୍ୱୟ ସମ୍ମିଳନୀ କରିବା ପାଇଁ ଗଣଶିକ୍ଷା ବିଭାଗରୁ ବହୁବର୍ଷ ହେବ ନିର୍ଦ୍ଦେଶନାମା ଅଛି। ସେଠାରେ ମଧ୍ୟ ଅଭିଭାବକ ପ୍ରାୟ ଆସନ୍ତି ନାହିଁ। ଏଭଳି ପରିସ୍ଥିତିରେ ଚଳିତ ଶିକ୍ଷାବର୍ଷଠାରୁ ଉଚ୍ଚ ଶିକ୍ଷା କ୍ଷେତ୍ରରେ ମଧ୍ୟ ଅଧ୍ୟାପକ ଅଭିଭାବକ ସମ୍ମିଳନୀ ପାଇଁ ସରକାର କଡ଼ା ନିର୍ଦ୍ଦେଶନାମା କରିଛନ୍ତି। ତେଣୁ ଶନିବାର ସ୍ଥାନୀୟ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ଅଭିଭାବକ ଓ ଅଧ୍ୟାପକ ସମ୍ମିଳନୀ ହୋଇଥିଲା। ଏଥିରେ ଅଧକ୍ଷ ଡ. ନୀଳାଞ୍ଚଳ ମୁନି ଅଧ୍ୟକ୍ଷତା କରି ଗୁଣାତ୍ମକ ଶିକ୍ଷାର ବିକାଶ କରିବାକୁ ହେଲେ ଛାତ୍ରୀଛାତ୍ର, ଅଭିଭାବକ ଓ ଅଧ୍ୟାପକଙ୍କ ମଧ୍ୟରେ ସମନ୍ୱୟ ରହିବା ଆବଶ୍ୟକ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଶାସନିକ ଅଧିକାରୀ ଡ. ସୁବାସ ଚନ୍ଦ୍ର ପ୍ରଧାନ, ପ୍ରାଧ୍ୟାପକ ଏସ୍. କେ. ମିଶ୍ର, ଆର. କେ. ଦାସ, ବିଭୁତି ଭୂଷଣ ପାଣିଗ୍ରାହୀ, ଦାମୋଦର ଷଡ଼ଙ୍ଗୀ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। କେତେଜଣ ଅଭିଭାବକ ମଧ ଶିଶୁର ଭବିଷ୍ୟତ କିଭଳି ଉଜ୍ଜ୍ୱଳ ହୋଇପାରିବ ସେନେଇ କହିଥିଲେ।

CLASSIFIED DISPLAY
MORE SPACE • SAME PRICE
TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,000.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%
ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

TCF FINANCE
TCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ଼ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେବସି 5 ଘଣ୍ଟାରେ ପାଆନ୍ତୁ।
0% ସୁଧ 45% ଛାଡ
No File Charge No Guarantor
7055758337
7298510676

BUSINESS

DEALER WANTED
At all major locations across Odisha for :-
FASTBUILD AAC BLOCKS
Mail : dealership.fastbuild@gmail.com
Mob : 9073678360

FINANCE

Shinghania Tower
ନିଜର ଛାତ, ଜମି, କ୍ଷେତ, ଫ୍ଲାଟ୍ ଉପରେ ଡିଜିଟାଲ ଟାୱାର ଲଗାନ୍ତୁ। ଘରେ ବସି ରୋଜଗାର କରନ୍ତୁ ।
ଅଗ୍ରିମ 60 ଲକ୍ଷ + ଭଡ଼ା 45000/- + ବାଇକ୍
ଯୋଗାଯୋଗ: 8887232676
Add- Ashoka puram, Mysore, Karnataka- Pin Code 570008

EDUCATION

TIRUPATI FINANCE
ସମସ୍ତ ପ୍ରକାର ଲୋନ ମାତ୍ର ୪୮ ଘଣ୍ଟାରେ କମ୍ ସୁଧରେ ଦିଆଯାଉଛି । ତୁରନ୍ତ ଯୋଗାଯୋଗ କରନ୍ତୁ ଏବଂ ଘରେ ବସି ଲୋନ ପାଆନ୍ତୁ । ମହିଳା ଏବଂ ସିନିୟର ସିଟିଜନ୍‌ଙ୍କ ପାଇଁ ବିଶେଷ ସୁବିଧା ।
HIMAYAT NAGAR, MAIN ROAD, HYDERABAD- 500029
8658503781
9667987587
9717166871
balajitrusty@gmail.com

KUBER FINANCE
Kuber ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, କୃଷି ଆଧାରକାର୍ଡ ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ମାତ୍ର ୧ ଦିନରେ, 2% ସୁଧ 40% ଛାଡ । ଘରେ ବସି ପାଆନ୍ତୁ
ଖର୍ଚ୍ଚ ଲୋନ ପାସ ହେଲା ପରେ
Plot No-14/526, Chandini Chowk, Kolkata
8146524009
8146359004

HINDUSTAN TOWER
ନାମ ନୁହେଁ କାମ କହିଥାଏ।
25 ବର୍ଷ ଧରି ଆପଣଙ୍କ ଭରସାଯୋଗ୍ୟ କମ୍ପାନୀ
Hindustan Tower Group
Govt. Regd କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍ ଉପରେ ଡିଜିଟାଲ ରେଡିଏଶନ୍ ଫ୍ରି ଟାୱାର ଲଗାନ୍ତୁ, ଅଗ୍ରିମ ୨୦ ଲକ୍ଷ, ଭଡ଼ା 60,000 + ବାଇକ୍ । 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ।
8929313996
7042350747
4397, Arya Pura, Old Subzi Mandi, Delhi-110007

ADMISSION OPEN
MAA TARA TARINI SCHOOL OF NURSING,
Neelachal Nagar, Berhampur
ANM/ Multipurpose Health Worker (Female) Training Programme Recognised by Govt. of Odisha H&FW Dept. Affiliated by INC, New Delhi.
We also offered Course (OT Technician, DMLT X-ray Technician)
Contact No:
9437425759
8280476992
Email : maataratarinison@gmail.com

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Reg. No. - U6519TN198PLC00855)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗ୍ରୁପ୍, ବ୍ୟବସାୟ ।
ସମସ୍ତ ଋଣ 3-4 ଦିନରେ ଘରେ ବସି ପାଆନ୍ତୁ । 2% ସୁଧ 40% ରିହାତି।
7310644620
9499439810
VISHAL ENCLAVE, M. ROAD, UP

ଋଣ ଧମାକା
ଋଣ ପାଇବା ହେଲା ସହଜ ଦୁଇ ଘଣ୍ଟାରେ ଗୃହ ଋଣ, ବ୍ୟବସାୟ, କୁକୁଡ଼ା ପାଳନ, ପଶୁପାଳନ ଋଣ 1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ । ସୁଧ 1% ବାର୍ଷିକ।
ଯୋଗାଯୋଗ କରନ୍ତୁ
7079574972
7491845997
toofanfinance.in
New Ashok Nagar, East Delhi, Delhi

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ମାରପିଟ ଘଟଣାରେ ୩ ଗିରଫ

**ବ୍ରହ୍ମପୁର ଅଫିସ,୨୧ା୯:** ମାରପିଟ ଘଟଣାରେ ଟାଉନ ଥାନା ପୋଲିସ ୩ ଜଣ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ଅନିଲ କୁମାର ଜେନା, ଶଙ୍କର ପ୍ରଧାନ ଓ ସୂର୍ଯ୍ୟନାରାୟଣ ସାହୁ। ମାମଲା ନଂ. ୧୮୯/୧୯ରେ ଅଭିଯୁକ୍ତମାନଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି ବୋଲି ପୋଲିସ କହିଛି। ସ୍ଥାନୀୟ ରୁକ୍ମଣୀ ସିନେମା ହଲ ଛକରେ ଶୁକ୍ରବାର ସନ୍ଧ୍ୟାରେ ତାରିଣୀ ମଣ୍ଡଳଙ୍କ ଗାଡି ପଛପଟକୁ ଅନ୍ୟ ଏକ ଗାଡି ଧକ୍କା ଦେଇଥିଲା। ଫଳରେ ତାରିଣୀ ଗାଡିରୁ ଖସି ଆହତ ହୋଇଥିଲେ ।
ଏନେଇ ଧକ୍କା ଦେଇଥିବା ଗାଡି ଚାଳକଙ୍କୁ ପଚାରିବାରୁ ଅନିଲ ଓ ତାଙ୍କ ସାଙ୍ଗମାନେ ମିଶି ତାରିଣୀଙ୍କୁ ଆକ୍ରମଣ କରିଥିଲେ। ପରେ ତାରିଣୀ ଟାଉନ ଥାନାରେ ଅଭିଯୋଗ କରିଥିଲେ।

### ପଞ୍ଚାୟତସ୍ତରୀୟ ମୋ ନିବେଦନ କାର୍ଯ୍ୟକ୍ରମ

**ବ୍ରହ୍ମପୁର ଅଫିସ,୨୧ା୯:** ବେଲଗାଁ ପଞ୍ଚାୟତ ପକ୍ଷରୁ ପଞ୍ଚାୟତସ୍ତରୀୟ ମୋ ନିବେଦନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ହିଞ୍ଜିଳି ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରସନ୍ନ କୁମାର ପାତ୍ର, ସ୍ଥାନୀୟ ତହସିଲଦାର ଗୋପୀନାଥ କର୍ଅଁର ପ୍ରମୁଖ ଯୋଗ ଦେଇଥିଲେ । ହିଞ୍ଜିଳି ପଞ୍ଚାୟତ ସମିତି ଅନ୍ତର୍ଗତ ଦୁର୍ବନ୍ଧ, ଗଣ୍ଡଳା, ବେଲଗାଁ, ସାହାପୁର ଏବଂ ଭାବନ୍ଧ ପଞ୍ଚୟତ ଅଞ୍ଚଳବାସୀଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା । ବେଲଗାଁ ପଞ୍ଚୟତ ନିର୍ବାହୀ ଅଧିକାରୀ ବି. ହରଙ୍କ ସମେତ ପଞ୍ଚାୟତ ସମିତିର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ ।

### ୬୦ ବସ୍ତାଲ ଅଖା ଜବତ, ୨ ଗିରଫ

**ବ୍ରହ୍ମପୁର ଅଫିସ,୨୧ା୯:** ଏକ ଅଖା ଗୋଦାମରୁ ଚୋରି ଘଟଣାରେ ସଦର ଥାନା ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବଡ଼ବଜାର ଥାନା ଅନ୍ତର୍ଗତ ପ୍ରହଲ୍ଲାଦ ନଗରର ନିଲୁ ସ୍ୱାଇଁ (୨୪) ଓ ସମୀର ଜେନା (୨୦)। ପୋଲିସ ସେମାନଙ୍କ ନିକଟରୁ ୬୦ ବଣ୍ଡିଲ ଅଖା ଜବତ କରିଛି। ମାମଲା ନଂ.୨୪୧/୧୯ରେ ଉଭୟଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି ବୋଲି ଥାନାଧିକାରୀ ସନ୍ତୋସିନୀ ଓରାମ ସୂଚନା ଦେଇଛନ୍ତି।
ପ୍ରକାଶ ଯେ, ଗୁରୁବାର ରାତିରେ ଗୁଣ୍ଡବନ୍ଧରେ ଥିବା ଏକ ଅଖା ଗୋଦାମର କବାଟ ଭାଙ୍ଗି ଦୁର୍ବୃତ୍ତମାନେ ୬୦ ବଣ୍ଡଲ ଅଖା ଚୋରି କରି ନେଇ ଯାଇଥିଲେ। ଗୋଦାମ ମାଲିକ ବିପିନ ପାଣିଗ୍ରାହୀ ଶୁକ୍ରବାର ଏନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ଅନୁସନ୍ଧାନ ବେଳେ ଚୋରି ଅଖା ବିକ୍ରି କରୁଥିବା ଖବର ପାଇ ୨ଜଣଙ୍କୁ ଧରିଥିଲା ବୋଲି କହିଛି।

■ ଲିଙ୍ଗରାଜ ଆଇନ ମହାବିଦ୍ୟାଳୟ

# ଶୈକ୍ଷିକ ବାତାବରଣ ପାଇଁ ଆନ୍ଦୋଳନ

■ଅନେକ ବିଷୟରେ ନାହାନ୍ତି ଶିକ୍ଷକ
■୨୫ରୁ ଆମରଣ ଅନଶନ

**ବ୍ରହ୍ମପୁର ଅଫିସ,୨୧ା୯**

ବ୍ରହ୍ମପୁରରେ ଥିବା ଲିଙ୍ଗରାଜ ଆଇନ ମହାବିଦ୍ୟାଳୟ ଏବେ ନାନା ଅବ୍ୟବସ୍ଥା ଘେରରେ ଗତିକରୁଛି। ପାଠ ପଢ଼ିବା ପାଇଁ ଉତ୍ତମ ଶ୍ରେଣୀ ଗୃହ ନାହିଁ । ଅନେକ ବିଷୟରେ ଶିକ୍ଷକ ପଦବୀ ଖାଲି ପଡ଼ିଛି । ଏପରିକି ଛାତ୍ରୀଛାତ୍ରମାନେ ପିଇବା ପାଇଁ ପାଣି ପାଉନାହାନ୍ତି। ଏଭଳି ଅନେକ ସମସ୍ୟାର ସମାଧାନ ପାଇଁ ୨୦୧୭ରୁ ବିଭିନ୍ନ ସମୟରେ ଛାତ୍ରୀଛାତ୍ରମାନେ ଆନ୍ଦୋଳନ କରୁଛନ୍ତି। ତଥାପି ଫଳ ଶୂନ। ଏବେ ନୂତନ ଶିକ୍ଷା ବର୍ଷ ଆରମ୍ଭ ହୋଇଛି। ଏଣୁ ନବାଗତ ଛାତ୍ରୀଛାତ୍ରଙ୍କ ପାଠପଢ଼ା ଆରମ୍ଭ ହୋଇଥିବା ବେଳେ ଏଠାରେ ଥିବା ସମସ୍ୟା ସମାଧାନ ପାଇଁ ଶନିବାର ଛାତ୍ରୀଛାତ୍ରମାନେ ମହାବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଯଦି ତୁରନ୍ତ ଏ ଦିଗରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନ ନିଅନ୍ତି, ତେବେ ଆସନ୍ତା ୨୫ତାରିଖରୁ ଆମରଣ ଅନଶନ ସହ ଆନ୍ଦୋଳନ କରାଯିବ ବୋଲି ଛାତ୍ରୀଛାତ୍ରମାନେ ଚେତାବନୀ ଦେଇଛନ୍ତି ।

ଆନ୍ଦୋଳନକାରୀ ଛାତ୍ରୀଛାତ୍ରଙ୍କ କହିବାନୁଯାୟୀ, ଅନେକ ବିଭାଗରେ ସ୍ଥାୟୀ ଶିକ୍ଷକ ନାହାନ୍ତି, ଫଳରେ ପାଠପଢ଼ା ହୋଇପାରୁ ନାହିଁ। କମନ୍‌ରୁମ୍ ଏବଂ ସମ୍ମିଳନୀ କକ୍ଷ ଜରାଜୀର୍ଣ୍ଣ ଅବସ୍ଥାରେ ପହଞ୍ଚିଲାଣି। ବିପଦପୂର୍ଣ୍ଣ କୋଠାରେ ବସିବାକୁ ବାଧ୍ୟ କରାଯାଉଛି। ତୁରନ୍ତ ଉଭୟ କୋଠରିକୁ ମରାମତି କରାଯାଉ। ସେହିଭଳି ପାନୀୟ ଜଳ ଯୋଗାଣ ପାଇଁ ଆର୍‌ଓ ଏବଂ ୟୁଭି ୱାଟର୍ ପ୍ୟୁରିଫାୟର୍, ନିୟମିତ କ୍ୟାମ୍ପସର ସଫେଇ, କ୍ୟାମ୍ପସ୍‌ରେ ଫ୍ରି ୱାଇଫାଇ, ମହାବିଦ୍ୟାଳୟ ସମ୍ମୁଖରେ ସ୍ପିଡ୍ ବ୍ରେକର୍, ମୁଖ୍ୟ ଫାଟକର ନବୀକରଣ ସହ ଖାଲି ପଡ଼ିଥିବା ବିଭିନ୍ନ ପଦବୀ ପୂରଣ କରିବାକୁ ଛାତ୍ରୀଛାତ୍ରମାନେ ଦାବି କରିଛନ୍ତି। ଲାଇବ୍ରେରିଆନ୍ ଆସନ୍ତା ଦୁଇ ମାସ ଭିତରେ ଅବସର ନେବେ। ଏଣୁ ଜଣେ ନୂତନ ଲାଇବ୍ରେରିଆନ୍‌କୁ ନିଯୁକ୍ତି ଦିଆଯାଉ। ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କଠାରୁ ଲାଇବ୍ରେରି ଫି’ ବାବଦରେ ୧୫୦ଟଙ୍କା ଆଦାୟ କରାଯାଉଛି। ହେଲେ ନୂଆ ବହି ଦିଆଯାଉନି। କମନ୍‌ରୁମ୍ ବାବଦରେ ୩୦ଟଙ୍କା ଆଦାୟ ହେଉଥିଲେ ମଧ୍ୟ କମନ୍‌ରୁମ୍‌କୁ ମରାମତି କରାଯାଉନି। କ୍ରୀଡ଼ା ଏବଂ ଛାତ୍ର ସଂସଦ ବାବଦରେ ୩୦୦ ଟଙ୍କା ଆଦାୟ କରୁଥିବା ବେଳେ କୌଣସି ପ୍ରକାର କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ ହେଉନି। ମୁଟ୍ କୋର୍ଟ ପାଇଁ ୧୦୦ଟଙ୍କା ଆଦାୟ ହେଉଥିବା ବେଳେ ଏଭଳି କୌଣସି କ୍ଲାସ୍ ହେଉନାହିଁ। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଆଥଲେଟିକ୍ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଅଯଥାରେ ୧୦୦ଟଙ୍କା ଲେଖାଏ ଆଦାୟ କରୁଛନ୍ତି। ଏଭଳି ଅନେକ ପ୍ରକାରର ଫି’ ଆଦାୟ ହେଉଛି । କିନ୍ତୁ ଭିତ୍ତିଭୂମିର ବିକାଶ କିମ୍ବା ଛାତ୍ରୀଛାତ୍ରଙ୍କୁ ଉତ୍ତମ ଶୈକ୍ଷିକ ବାତାବରଣ ପ୍ରଦାନ କରିବାରେ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ବିଫଳ ହୋଇଛନ୍ତି। ମହାବିଦ୍ୟାଳୟ ଅଧ୍ୟକ୍ଷ ଏବଂ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ନିକଟରେ ବାରମ୍ବାର ଦାବି ଜଣାଇଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଇନି। ତୁରନ୍ତ ଏସବୁ ସମସ୍ୟାର ସମାଧାନ ପାଇଁ ମହାବିଦ୍ୟାଳୟର ଅଧ୍ୟକ୍ଷ, ଜିଲାପାଳ, ବ୍ରହ୍ମପୁର ଏସ୍‌ପି, ଓଡ଼ିଶା ବାର୍ କାଉନସିଲ୍, ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର୍, ଗୋପାଳପୁର ବିଧାୟକ, ବ୍ରହ୍ମପୁର ଏମ୍‌ପିଙ୍କ ପାଖକୁ ପତ୍ର ପଠାଯାଇଛି। ଚିନ୍ମୟ କୁମାର ହୋତା, ଅନିଲ କୁମାର ବେହେରା, ବି.ମନୋଜ, ବି.ତେଜେଶ୍ୱର, ଶ୍ରୀକାନ୍ତ କୁମାର ସେଠୀ, ସାଇ ପ୍ରସାଦ ପାଢୀ, ଅମରେଶ ଚୌଧୁରୀ, ପି.ଭରତ, ଶୁଭାଶିଷ ବେହେରା, ବି.ନଳିନୀଙ୍କ ସମେତ ବହୁ ଛାତ୍ରୀଛାତ୍ର ଏହି ଆନ୍ଦୋଳନରେ ସାମିଲ୍ ହୋଇଥିଲେ।


ଛାତ୍ରୀଛାତ୍ରମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

## ଏଇ ସପ୍ତାହର କାର୍ଯ୍ୟକ୍ରମ

**୨୨।୯।୨୦୧୯ (ରବିବାର)**
- ଦୁର୍ଗାପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନା। ସ୍ଥାନ- ବୁଗୁଡ଼ା ବସ୍‌ଷ୍ଟାଣ୍ଡ, ସମୟ- ସକାଳ ୫ଟା।
- ଶ୍ରୀକର ଭଞ୍ଜ କ୍ରୀଡ଼ା ଓ ସାଂସ୍କୃତିକ ପରିଷଦ ବୈଠକ। ସ୍ଥାନ- ବୁଗୁଡ଼ା ପିପୁଲ୍ସ ହାଇସ୍କୁଲ, ସମୟ- ପୂର୍ବାହ୍ନ ୧୧ଟା।
- ସବୁଜ ମହୋତ୍ସବ। ସ୍ଥାନ-ରୋଟାରିହଲ୍, ସମୟ-ପୂର୍ବାହ୍ନ ୧୦ଟା।
- ହାଇକୋର୍ଟ ବେଞ୍ଚ ସ୍ଥାପନ ପାଇଁ ପଦଯାତ୍ରା। ସ୍ଥାନ-ଖାସ୍‌ପାସାହି ଜଗନ୍ନାଥ ମନ୍ଦିର, ସମୟ-ଅପରାହ୍ନ ୩ଟା ୪୦ ମିନିଟ୍।
- ଆଲୋଚନାଚକ୍ର ଏବଂ କବିତା ପାଠୋତ୍ସବ। ସ୍ଥାନ-ଗଞ୍ଜାମ କଳା ପରିଷଦ, ସମୟ-ଅପରାହ୍ନ ୪ଟା।
- ନାଟକ ‘ମୁଁ ଏକ ଅସଫଳ ନାୟକ’ ମଞ୍ଚସ୍ଥ। ସ୍ଥାନ-ପ୍ରକାଶମ୍ ହଲ, ସମୟ-ସନ୍ଧ୍ୟା ୭ଟା।
- ଷୋଡ଼ଶ ଦିନାତ୍ମକ ପୂଜା ଶୁଭାରମ୍ଭ। ସ୍ଥାନ- ମା’ କାଲୁଆ ଶକ୍ତି ପୀଠ, କାଲୁଆ, ଦିଗପହଣ୍ଡି ମା’ ବୁଢ଼ୀ ଠାକୁରାଣୀ ମନ୍ଦିର, ସମୟ- ସକାଳ ୭ଟା।

**୨୩।୯।୨୦୧୯ (ସୋମବାର)**
- ବ୍ଲକସ୍ତରୀୟ କୁଇଜ୍, ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା। ସ୍ଥାନ- ଶ୍ରୀ ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ- ପୂର୍ବାହ୍ନ ୧୦ଟା।
- ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟାଦେଶ ବଣ୍ଟନ। ସ୍ଥାନ- ବିରଞ୍ଚି ନାରାୟଣ କଲ୍ୟାଣ ମଣ୍ଡପ, ସମୟ- ପୂର୍ବାହ୍ନ ୧୦ଟା।
- ଜନ ଜାଗରଣ ସଭା। ସ୍ଥାନ-ଟାଉନହଲ, ସମୟ-ଅପରାହ୍ନ ୪ଟା।
- ସ୍ୱାସ୍ଥ୍ୟ ସୁପରଭାଇଜରମାନଙ୍କ ଦ୍ୱାରା ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ସମୀକ୍ଷା ବୈଠକ। ସ୍ଥାନ- ବମକେଇ ଓ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହ, ସମୟ-ପୂର୍ବାହ୍ନ ୧୧ଟା।

**୨୪।୯।୨୦୧୯ (ମଙ୍ଗଳବାର)**
- ମୋ ନିବେଦନ କାର୍ଯ୍ୟକ୍ରମ। ସ୍ଥାନ- ଏ.କରଡ଼ାବାଡ଼ି ପଞ୍ଚାୟତ କାର୍ଯ୍ୟାଳୟ, ସମୟ- ପୂର୍ବାହ୍ନ ୧୦ଟା।
- ବର୍ଜ୍ୟବସ୍ତୁ ପରିଚାଳନା ସଚେତନତା ଅଭିଯାନ। ସ୍ଥାନ-ଦିଗପହଣ୍ଡି ଏନ୍‌ଏସି କାର୍ଯ୍ୟାଳୟ, ସମୟ- ସକାଳ ୯ଟା।
- ନିର୍ଭୟ କଢ଼ି ସଚେତନତା କାର୍ଯ୍ୟକ୍ରମ। ସ୍ଥାନ- ଆଙ୍କୋରଡ଼ା ଅଙ୍ଗନୱାଡ଼ି କେନ୍ଦ୍ର, ସମୟ- ପୂର୍ବାହ୍ନ ୧୦ଟା।

**୨୫।୯।୨୦୧୯ (ବୁଧବାର)**
- ବ୍ଲକସ୍ତରୀୟ ଶିକ୍ଷଣ ସାମଗ୍ରୀ ମେଳା। ସ୍ଥାନ-ପିପୁଲ୍ସ ହାଇସ୍କୁଲ ବୁଗୁଡ଼ା, ସମୟ- ପୂର୍ବାହ୍ନ ୧୦ଟା।
- ଶିଶୁ ଓ ପ୍ରସୂତିଙ୍କ ପାଇଁ ମମତା ଦିବସ ସଚେତନତା କାର୍ଯ୍ୟକ୍ରମ। ସ୍ଥାନ- ଦିଗପହଣ୍ଡି ବ୍ଲକ ଅଧୀନ ୨୫ ଉପସ୍ୱାସ୍ଥ୍ୟକେନ୍ଦ୍ର, ସମୟ- ପୂର୍ବାହ୍ନ ୯ଟା।
- ୱାର୍ଡସ୍ତରୀୟ ପରିମଳ ସଚେତନତା ସଭା। ସ୍ଥାନ- ଦିଗପହଣ୍ଡି ଏନ୍‌ଏସି, ସମୟ- ପୂର୍ବାହ୍ନ ୯ଟା।

**୨୬।୯।୨୦୧୯ (ଗୁରୁବାର)**
- ବୁଗୁଡ଼ା ଏନ୍‌ଏସିର ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ। ସ୍ଥାନ- ବୁଗୁଡ଼ା ସହର, ସମୟ- ସନ୍ଧ୍ୟା ୭ଟା।
- ଅଣ ସଂକ୍ରାମକ ରୋଗ ପରୀକ୍ଷା ଓ ପରାମର୍ଶ ଶିବିର। ସ୍ଥାନ- ଦିଗପହଣ୍ଡି ବ୍ଲକ ଅଧୀନ ୨୫ ଉପସ୍ୱାସ୍ଥ୍ୟ କେନ୍ଦ୍ର, ସମୟ- ପୂର୍ବାହ୍ନ ୧୦ଟା।
- ସେକ୍ଟରସ୍ତରୀୟ ସ୍ୱାସ୍ଥ୍ୟକର୍ମୀଙ୍କ କାର୍ଯ୍ୟାବଳୀ ସମୀକ୍ଷା।
- ସ୍ଥାନ- ବମକେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହ, ସମୟ-ପୂର୍ବାହ୍ନ ୧୧ଟା।

**୨୭।୯।୨୦୧୯ (ଶୁକ୍ରବାର)**
- ମୋ ନିବେଦନ କାର୍ଯ୍ୟକ୍ରମ। ସ୍ଥାନ- ଅରଖପୁର ପଞ୍ଚାୟତ କାର୍ଯ୍ୟାଳୟ, ସମୟ- ପୂର୍ବାହ୍ନ ୧୦ଟା।
- କୁଇଜ ପ୍ରତିଯୋଗିତା। ସ୍ଥାନ- ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ଜି.ଉଦୟଗିରି, ସମୟ- ପୂର୍ବାହ୍ନ ୧୦ଟା।
- ଭକ୍ତି ମଞ୍ଜରୀ ଡିଭିଡି ଉନ୍ମୋଚନ। ସ୍ଥାନ- ଗଞ୍ଜାମ କଳା ପରିଷଦ, ସମୟ-ସନ୍ଧ୍ୟା ୬ଟା ୩୦ ମିନିଟ୍।
- ଗର୍ଭବତୀଙ୍କ ଏଚ୍‌ଆଇଭି ପରୀକ୍ଷା, ଟିକାକରଣ ଓ ମମତା ଦିବସ ସଚେତନତା। ସ୍ଥାନ- ଦିଗପହଣ୍ଡିଓ ବମକେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ- ପୂର୍ବାହ୍ନ ୯ଟା।
- ୱାର୍ଡସ୍ତରୀୟ ପରିମଳ ସଚେତନତା ସଭା। ସ୍ଥାନ- ଦିଗପହଣ୍ଡି ଏନ୍‌ଏସି, ସମୟ- ପୂର୍ବାହ୍ନ ୯ଟା।

**୨୮।୯।୨୦୧୯ (ଶନିବାର)**
- ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ତାଲିମ ଶିବିର। ସ୍ଥାନ- ନ୍ୟୁଏରା ପବ୍ଲିକ ସ୍କୁଲ, ସମୟ- ଅପରାହ୍ନ ୨ଟା।

# ପୂରଣ ହେଉନି ଦାବି, ଧାରଣା ଦେଲେ କର୍ମଚାରୀ


କର୍ମଚାରୀମାନେ ଧାରଣା ଦେଇଛନ୍ତି ।

**ବ୍ରହ୍ମପୁର ଅଫିସ,୨୧ା୯**

**ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କର୍ମଚାରୀ ସଂଘ ଓ ଅଣଶିକ୍ଷକ କର୍ମଚାରୀ ସଂଘର ବିଭିନ୍ନ ଦାବି ନେଇ ଶନିବାର କୁଳସଚିବଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଥିଲା। ପୂର୍ବରୁ ବିଭିନ୍ନ ଦାବି ପୂରଣ ଲାଗି କୁଳସଚିବ ଓ ପୂର୍ବତନ କୁଳପତିଙ୍କୁ ଜୁଲାଇରେ ଦାବିପତ୍ର ପ୍ରଦାନ କରାଯାଇଥିଲା। କିନ୍ତୁ ୨ ମାସ ପରେ ମଧ୍ୟ ଦାବି ପୂରଣ ଦିଗରେ ବିଶ୍ୱବିଦ୍ୟାଳୟ ପକ୍ଷରୁ କୌଣସି ନିଷ୍ପତ୍ତି ନିଆଯାଇ ନ ଥିବାରୁ ସଂଘ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏନେଇ ଶନିବାର କର୍ମଚାରୀମାନେ କାର୍ଯ୍ୟବନ୍ଦ କରିବା ସହ ଧାରଣାରେ ବସିଥିଲେ। ଦଶହରା ଛୁଟି ସୁଦ୍ଧା ଦାବି ପୂରଣ ନେଇ କୁଳସଚିବଙ୍କ ପ୍ରତିଶ୍ରୁତି ପରେ କର୍ମଚାରୀମାନେ ଧାରଣାରୁ ହଟିଥିଲେ ।

ମିଳିଥିବା ସୂଚନା ପ୍ରକାରେ, ସମୟାନୁବର୍ତ୍ତୀ ଚାକିରି କାଳୀନ ପଦୋନ୍ନତି ମୂଳକ ଦରମା ପ୍ରଦାନ, ଖାଲିଥିବା ଲ୍ୟାବ ଆଟେଣ୍ଡାଣ୍ଟ, କନିଷ୍ଠ ସହାୟକ, ବରିଷ୍ଠ ସହାୟକ, ବିଭାଗୀୟ ଅଫିସରଙ୍କ ଭଳି ସ୍ୱୀକୃତିପ୍ରାପ୍ତ ଅଣ ଶିକ୍ଷକ ପଦବୀ ପୂରଣ କରିବା, କର୍ମଚାରୀଙ୍କ ବାକି ପଡିଥିବା ଜିଆଇଏସ୍ ପ୍ରଦାନ କରିବା, ପୁନଃଥଇଥାନ ନେଇ ଆବେଦନ କରିଥିବା କର୍ମଚାରୀଙ୍କ ସନ୍ତାନଙ୍କୁ ତୁରନ୍ତ ନିଯୁକ୍ତି ପ୍ରଦାନ କରିବା, କୋର୍ଟଙ୍କ ଆଦେଶ ଅନୁଯାୟୀ କର୍ମଚାରୀଙ୍କୁ ଥଇଥାନ ଓ ବକେୟା ଟଙ୍କା ପ୍ରଦାନ ନେଇ ସଂଘ ପକ୍ଷରୁ ଦାବି କରାଯାଇଥିଲା। ଏହାବ୍ୟତୀତ ତତ୍କାଳୀନ କୁଳପତି ବିଜୟ ସାହୁଙ୍କ ସମୟରେ ବିନାଦୋଷରେ ବହିଷ୍କାର କରାଯାଇଥିବା କର୍ମଚାରୀ ଶ୍ରୀକାନ୍ତ ଦାଶଙ୍କୁ ପୁନଃ ନିଯୁକ୍ତି ଦେବାକୁ ମଧ୍ୟ ସଂଘ ଦାବି କରିଥିଲା । ଏନେଇ ଗତ ଜୁଲାଇ ୧୧ରେ କୁଳସଚିବ, କୁଳପତିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। କିନ୍ତୁ ଇତିମଧ୍ୟରେ ୨ ମାସ ବିତିଥିଲେ ମଧ୍ୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଦାବି ପୂରଣ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ସଂଘ ପକ୍ଷରୁ କୁହାଯାଇଥିଲା। ଫଳରେ କର୍ମଚାରୀମାନେ କୁଳସଚିବଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ଏହାପରେ କୁଳସଚିବ ରଞ୍ଜନ ବିଶ୍ୱାଳ ଉଭୟ ସଂଘ କର୍ମକର୍ତ୍ତାଙ୍କୁ ଡକାଇ ଆଲୋଚନା କରିଥିଲେ। ଆଲୋଚନା ବେଳେ କୁଳସଚିବ, ଉପକୁଳ ସଚିବ ବାବୁଜୀ ସାମଲଙ୍କ ସମେତ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଣ ଶିକ୍ଷକ କର୍ମଚାରୀ ସଂଘ ସଭାପତି ଦୁର୍ଗା ଚରଣ ହୋତା, ଉପସଭାପତି ରବୀନ୍ଦ୍ର ପାଣିଗ୍ରାହୀ ଓ ବିଶ୍ୱବିହାରୀ ବିଷୋୟୀ, ପୂର୍ବତନ ସଭାପତି ଡ. ସୁନୀଲ ପାତ୍ର, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କର୍ମଚାରୀ ସଂଘ ପୂର୍ବତନ ସଭାପତି ସୁଶାନ୍ତ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଆଲୋଚନା ବେଳେ ଦଶହରା ଛୁଟି ମଧ୍ୟରେ ସମସ୍ତ ଦାବି ପୂରଣ କରିବାକୁ ନେଇ କୁଳସଚିବ ପ୍ରତିଶ୍ରୁତି ଦେଇଥିବା ବିଶ୍ୱବିଦ୍ୟାଳୟ ଅଣଶିକ୍ଷକ କର୍ମଚାରୀ ସଂଘ ସଭାପତି କହିଛନ୍ତି। ଧାରଣାରେ ବିଶ୍ୱବିଦ୍ୟାଳୟ ଅଣଶିକ୍ଷକ କର୍ମଚାରୀ ସଂଘ ସମ୍ପାଦକ ଭଗବାନ ସାହୁଙ୍କ ସମେତ ଉଭୟ ସଂଘର ସମସ୍ତ କର୍ମକର୍ତ୍ତା ସାମିଲ ହୋଇଥିଲେ ।

### ବାପା, ମା’ଙ୍କୁ ଆକ୍ରମଣ: ପୁଅ ଗିରଫ

**ବ୍ରହ୍ମପୁର ଅଫିସ,୨୧ା୯**

ବୃଦ୍ଧ ବାପ ଓ ମା’ଙ୍କୁ ଆକ୍ରମଣ କରିବା ସହ ତାଙ୍କ ପେନସନ ଟଙ୍କା ହଡପ ଅଭିଯୋଗରେ ସଦର ଥାନା ପୋଲିସ ପୁଅ ଶାନ୍ତନୁ କୁମାର ମିଶ୍ର (୩୫)ଙ୍କୁ ଗିରଫ କରିଛି। ନଂ.୨୪୨/୧୯ରେ ପୋଲିସ ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରିଛି।

ପ୍ରକାଶ ଯେ, ନିମଖଣ୍ଡି ଚନ୍ଦ୍ରଶେଖର ନଗରରେ ରହୁଥିବା ଦେବରାଜ ମିଶ୍ର ଓ ସୁଷମା ମିଶ୍ରଙ୍କୁ ତାଙ୍କ ପୁଅ ସବୁବେଳେ ଟଙ୍କା ମାଗିବା ସହ ମାରପିଟ କରନ୍ତି। ଏପରିକି ଦେବରାଜଙ୍କୁ ମିଳୁଥିବା ପେନସନ ଟଙ୍କା ମଧ୍ୟ ତାଙ୍କ ପୁଅ ଶାନ୍ତନୁ ହେରଫେର କରନ୍ତି। ଶାନ୍ତନୁ ଗୋଟିଏ ପୁଅ ହୋଇଥିବାରୁ ବୃଦ୍ଧ ପିତା ମାତା ତା’ଙ୍କଠାରୁ ମାଡ ଖାଇ ମଧ୍ୟ ବାଧ୍ୟରେ ଚୁପ ହୋଇ ରହୁଥିଲେ। ତେବେ ଶୁକ୍ରବାର ରାତିରେ ଶାନ୍ତନୁ ମଦ ପିଇ ବାପାଙ୍କୁ ମରପିଟ କରିଥିଲେ। ମା’ ସୁଷମା ଏହାର ପ୍ରତିବାଦ କରିବାରୁ ତାଙ୍କୁ ମଧ୍ୟ ଗାଳି ଗୁଲଜ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଏପରିକି ଆସବାବପତ୍ର ଭାଙ୍ଗିବା ସହ ବାପା ଓ ମା’ଙ୍କୁ ଘର ଭିତରେ ରଖି କବାଟ ବନ୍ଦ କରି ଦେଇଥିଲେ। ଖବର ପାଇ ନିମଖଣ୍ଡି ଫାଣ୍ଡି ପୋଲିସ ପହଞ୍ଚି ବୃଦ୍ଧ ଦମ୍ପତିଙ୍କୁ ଉଦ୍ଧାର କରିଥିଲା। ସେମାନଙ୍କ ଅଭିଯୋଗ କ୍ରମେ ପୋଲିସ ଶାନ୍ତନୁଙ୍କୁ ଗିରଫ କରିଥିଲା ବୋଲି କହିଛି।

# ଆର୍‌ଆଇଙ୍କୁ ସର୍ତ୍ତମୂଳକ ଜାମିନ

**ବ୍ରହ୍ମପୁର ଅଫିସ,୨୧ା୯**

ଏକ ଲାଞ୍ଚ ଗ୍ରହଣ ମାମଲାରେ ଗିରଫ ହୋଇ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଥିବା ସୋରଡା ତହସିଲ ଅଧୀନ ଅସୁରବନ୍ଧ ରାଜସ୍ୱ ନିରୀକ୍ଷକ (ଆରଆଇ) ବସନ୍ତ ମଲ୍ଲିକଙ୍କୁ ଶନିବାର ସର୍ତ୍ତମୂଳକ ଜାମିନ ମିଳିଛି। ସ୍ୱତନ୍ତ୍ର ଭିଜିଲାନ୍ସ ଜଜ ବିଜୟ କୁମାର ଜେନା ଏହି ଜାମିନ ପ୍ରଦାନ କରିଛନ୍ତି । ପ୍ରକାଶ ଯେ, ସୋରଡା ବ୍ଲକ ଭୂତପଙ୍କାଳ ଗାଁର ଦୁଃଖୀ ମଲ୍ଲିକଙ୍କୁ ଏକ ଜଙ୍ଗଲ ଜମି ପଟ୍ଟା କରାଇଦେବା ପାଇଁ ଆରଆଇ କହିଥିଲେ। ଏଥିପାଇଁ ଗତ ୫ ତାରିଖରେ ଆବେଦନକାରୀ ଦୁଃଖୀଙ୍କଠାରୁ ୪୦ ହଜାର ଟଙ୍କା ଲାଞ୍ଚ ଗ୍ରହଣ କରିଥିଲେ। ଭିଜିଲାନ୍ସ ଟିମ୍ ସେଠାରେ ଚଢାଉ କରି ଲାଞ୍ଚ ଟଙ୍କା ଜବତ କରିବା ସହ ଆରଆଇ ବସନ୍ତଙ୍କୁ ମାମଲା ନଂ. ୨୩/୧୯ରେ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଘଟଣା ଦିନଠାରୁ ସେ ଜେଲରେ ଥିବା ବେଳେ ଭିଜିଲାନ୍ସ ଇନ୍ସପେକ୍ଟର ଶନିବାର କୋର୍ଟରେ କେସ୍ ଡାଏରୀ ଦାଖଲ କରିଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ତପନ କୁମାର ଦାସ ଓ ମୁଦାଲାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପ୍ରସାଦ ପଟ୍ଟନାୟକ ଓ ପ୍ରଦୀପ ପାଣିଗ୍ରାହୀ ମକଦ୍ଦମା ପରିଚାଳନା କରିଥିଲେ।

■ ଗଞ୍ଜାମ ଭାଜପାର ଜନ ଜାଗରଣ ସମାବେଶ ୨୩ରେ

# ୩୭୦ ଅନୁଚ୍ଛେଦ ଉଚ୍ଛେଦ ନେଇ ହେବ ଆଲୋଚନା

**ବ୍ରହ୍ମପୁର ଅଫିସ,୨୧ା୯**

ଗଞ୍ଜାମ ଜିଲା ଭାଜପା ପକ୍ଷରୁ ଏକ ରାଷ୍ଟ୍ର ଏକ ସମ୍ବିଧାନ ସମ୍ପର୍କିତ ରାଷ୍ଟ୍ରୀୟ ଏକତା ଅଭିଯାନ ତଥା ଜନ ଜାଗରଣ ସମାବେଶ ଆସନ୍ତା ୨୩ ତାରିଖରେ ବ୍ରହ୍ମପୁରରେ ଅନୁଷ୍ଠିତ ହେବ। କଶ୍ମୀରରେ ଧାରା ୩୭୦ ଓ ୩୫-ଏ ଅନୁଚ୍ଛେଦକୁ କେନ୍ଦ୍ର ସରକାର ଉଚ୍ଛେଦ କରିବା ପରେ ଏହାର ପ୍ରଭାବ ନେଇ ଜନ ସଚେତନତା ସୃଷ୍ଟି କରାଯିବ। ସ୍ଥାନୀୟ ଡାଇମଣ୍ଡ ଜୁବିଲି ଟାଉନ ହଲରେ ହେବାକୁ ଥିବା କାର୍ଯ୍ୟକ୍ରମରେ ପୂର୍ବତନ ଏମ୍‌ପି ତଥା ଭାଜପା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଓ ପ୍ରବକ୍ତା ବୈଜୟନ୍ତ ପଣ୍ଡା ଯୋଗଦେବେ। ଜିଲା ଭାଜପା କାର୍ଯ୍ୟାଳୟରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି ଜିଲା ସଭାପତି କାହ୍ନୁ ଚରଣ ପତି। ବିଧାନସଭା ଭାଜପା ବିଧାୟକ ଦଳ ମୁଖ୍ୟ ସଚେତକ ମୋହନ ମାଝି, ରାଜ୍ୟ ସାଧାରଣ ସମ୍ପାଦକ ଭୃଗୁବକ୍ସି ପାତ୍ର, ସମ୍ପାଦକ ବିଭୂତି ଜେନା କାର୍ଯ୍ୟକ୍ରମରେ ଯୋଗଦେବେ। ଗତ ସାଧାରଣ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ବିଧାୟକ ପ୍ରାର୍ଥୀମାନେ ଉପସ୍ଥିତ ରହିବେ। ଜନ ଜାଗରଣ ସମାବେଶକୁ ବ୍ରହ୍ମପୁରର ବୁଦ୍ଧିଜୀବୀ, ଶିକ୍ଷାବିତ, ସାହିତ୍ୟିକ, ବିଭିନ୍ନ ଦଳର ରାଜନେତା, ବ୍ୟବସାୟୀ, ବରିଷ୍ଠ ନାଗରିକ, ଶ୍ରମିକ ସଂଗଠନ ନେତା ଓ ଆଇନଜୀବୀ ଓ ଛାତ୍ରୀଛାତ୍ରଙ୍କୁ ନିମନ୍ତ୍ରଣ କରାଯାଇଥିବା ପତି ସୂଚାଇଛନ୍ତି ।

ବୈଜୟନ୍ତ ସୋମବାର ଅପରାହ୍ନରେ ପହଞ୍ଚିବା ପରେ ପ୍ରଥମେ ସହରର ୪ ବରିଷ୍ଠ ବୁଦ୍ଧିଜୀବୀଙ୍କ ବାସଭବନକୁ ଯାଇ ସୌଜନ୍ୟମୂଳକ ସାକ୍ଷାତ କରିବା ସହ ୩୭୦ ଅନୁଚ୍ଛେଦ ଉଚ୍ଛେଦର କାରଣ ନେଇ ସେମାନଙ୍କୁ ଅବଗତ କରାଇବେ। ଏହା ଉପରେ ସେମାନଙ୍କ ମତାମତ ଲୋଡ଼ିବେ। ପରେ ଜାଗରଣ ସଭାରେ ଉଦ୍‌ବୋଧନ ଦେବେ। କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରକାଶିତ ସ୍ୱତନ୍ତ୍ର ପୁସ୍ତିକା ବଣ୍ଟନ କରାଯିବ ବୋଲି ଜିଲା ସଭାପତି କହିଥିଲେ। ଖବରଦାତା ସମ୍ମିଳନୀରେ ଉପସଭାପତି ସୁନୀଲ ସାହୁ ଓ ପ୍ରଭାତ ଷଡ଼ଙ୍ଗୀଙ୍କ ସମେତ ମଦନ ମୋହନ ପାତ୍ର ଉପସ୍ଥିତ ଥିଲେ ।



ଖବରଦାତା ସମ୍ମିଳନୀରେ ଜିଲା ସଭାପତି ଓ ଅନ୍ୟମାନେ ।

# ବେଳାଭୂମିକୁ ପ୍ଲାଷ୍ଟିକମୁକ୍ତ କରିବାକୁ ସଂକଳ୍ପ

**ବ୍ରହ୍ମପୁର ଅଫିସ,୨୧ା୯**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସାମୁଦ୍ରିକ ବିଜ୍ଞାନ ବିଭାଗ, ଜାତୀୟ ତଟୀୟ ଗବେଷଣା କେନ୍ଦ୍ର ପକ୍ଷରୁ ଶନିବାର ଗୋପାଳପୁର ବେଳାଭୂମିରେ ଅନ୍ତର୍ଜାତୀୟ ସମୁଦ୍ରତଟ ପରିମଳ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବେଳାଭୂମିରୁ ଏକ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ସଚେତନତା ଯାତ୍ରାକୁ ବିଶ୍ୱବିଦ୍ୟାଳୟ ଭାରପ୍ରାପ୍ତ କୁଳପତି ତଥା ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷା ପ୍ରଫେସର ଡ. ଅରୁନ୍ଧତୀ ରଥ ଉଦ୍‌ଘାଟନ କରିଥିଲେ । ପଦଯାତ୍ରା ବେଳାଭୂମି ସମ୍ମୁଖରୁ ବାହାରି ଗୋପାଳପୁର ଏନ୍‌ଏସିର ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲା । ବିଭାଗ ଛାତ୍ରୀଛାତ୍ରମାନେ ପଦଯାତ୍ରା ବେଳେ ପ୍ଲାକାର୍ଡ ମାଧ୍ୟମରେ ବେଳାଭୂମିକୁ ପ୍ଲାଷ୍ଟିକ ମୁକ୍ତ ସହ ଏହାକୁ ବର୍ଜନ କରିବା ଦିଗରେ ଅଞ୍ଚଳବାସୀଙ୍କୁ ସଚେତନ କରାଇଥିଲେ। ବିଶ୍ୱବିଦ୍ୟାଳୟ ସାମୁଦ୍ରିକ ବିଜ୍ଞାନ ବିଭାଗ ମୁଖ୍ୟ ପାଣିପାଗ ବିଶେଷଜ୍ଞ ପ୍ରଫେସର ଡ. ପ୍ରତାପ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ସଂଯୋଜକ ଡ. ସଦାନନ୍ଦ ନାୟକ, ସାମୁଦ୍ରିକ ବିଜ୍ଞାନ ବିଭାଗ ପ୍ରଫେସର କାଳୀଚରଣ ସାହୁ, ଗୋପାଳପୁର ବନ୍ଦର ପରିବେଶ ବିଭାଗ ଡିଜିଏମ୍ ସଞ୍ଜୟ ଥୋରାଟ, ଜାତୀୟ ପ୍ରାଣୀ ବିଜ୍ଞାନ ସର୍ବେକ୍ଷଣ ସଂସ୍ଥା ଭାରପ୍ରାପ୍ତ ଅଧିକାରୀ ଡ. ଅନିଲ କୁମାର ମହାପାତ୍ର, ଗୋପାଳପୁର ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଉମାଚରଣ ସେଠୀ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡ. ଶେଷଦେବ ପାତ୍ର, ଡ. ଆଶୋକ ଖଣ୍ଡା, ଡ. ଶୁଭେନ୍ଦୁ କୁମାର ଦାଶ, ଗୋପାଳପୁର ବନ୍ଦରର କଲ୍ୟାଣ କିଶୋର ପ୍ରହରାଜ, ମୁକେଶ ଜୋଷୀ, ରତି ରଞ୍ଜନ ଦାଶ ଓ ପ୍ରଫୁଲ୍ଲ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

**ଅନ୍ତର୍ଜାତୀୟ ସମୁଦ୍ରତଟ ପରିମଳ ଦିବସ**

ବେଳାଭୂମି ଦିବସ ପାଳନ ଅବସରରେ ଅନୁଷ୍ଠିତ ସଚେତନତା ସଭା ବିଭାଗ ମୁଖ୍ୟ ପ୍ରଫେସର ମହାନ୍ତି ଦିବସ ପାଳନର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ । ସାମୁଦ୍ରିକ ଗବେଷଣା ତଥା ସର୍ବେକ୍ଷଣ ଅନୁଯାୟୀ, ପ୍ରତିବର୍ଷ ବିଶ୍ୱରେ ୪.୮ ରୁ ୧୨.୭ ନିୟୁତ ଟନ ପ୍ଲାଷ୍ଟିକ ଆବର୍ଜନା ସମୁଦ୍ରରେ ପ୍ରବେଶ କରୁଛି । ଯାହା ସାମୁଦ୍ରିକ ଜୀବ ଓ ସମାଜ ପାଇଁ ବିପଦ ସୃଷ୍ଟି କରୁଛି। ତେଣୁ ଏହି ପ୍ଲାଷ୍ଟିକକୁ ବର୍ଜନ କରିବା ସହ ବେଳାଭୂମିକୁ ପ୍ଲାଷ୍ଟିକ ମୁକ୍ତ ରଖିବା ଦିଗରେ ସଙ୍କଳ୍ପ ନେବାକୁ ମୁଖ୍ୟଅତିଥି ପ୍ରଫେସର ରଥ ଆହ୍ୱାନ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ସମେତ ବିଶ୍ୱବିଦ୍ୟାଳୟ ଅଧ୍ୟାପିକା ଓ ଅଧ୍ୟାପକ ବେଳାଭୂମି ସଫେଇ କରିଥିଲେ। ବେଳାଭୂମିର ୧୮୧୧୬.୮୭ ବର୍ଗମିଟର ଅଞ୍ଚଳରୁ ୬୫.୨୮ କିଲୋଗ୍ରାମ ବର୍ଜ୍ୟବସ୍ତୁ ସଂଗ୍ରହ କରାଯାଇଥିଲା ।



ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ ଓ ଅନ୍ୟ ଅଧିକାରୀ ।

## ସଂକ୍ଷେପରେ

### ଫେରାର୍ ଅଭିଯୁକ୍ତ ଗିରଫ

**ଆସିକା,୨୧।୯(ଡି.ଏନ୍.ଏ.):** ଆସିକା ଥାନା ନଳବଣ୍ଟା ଓ ବାଲିସିରା ଗ୍ରାମରୁ ପୋଲିସ ଶନିବାର ୩ ଫେରାର୍ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ନଳବଣ୍ଟା ଗ୍ରାମର ତ୍ରିଲୋଚନ ପ୍ରଧାନ ଓ ଦୀନବନ୍ଧୁ ପ୍ରଧାନ ଏବଂ ବାଲିସିରା ଗ୍ରାମର ସନ୍ତୋଷ ଓରଫ୍ ଶଙ୍କର ନାୟକ। ତ୍ରିଲୋଚନ ଓ ଦୀନବନ୍ଧୁଙ୍କ ବିରୋଧରେ ୨୦୦୪ରୁ ମାମଲା ରହିଥିବାବେଳେ ସନ୍ତୋଷଙ୍କ ବିରୋଧରେ ୧୯୯୯ରୁ ମାମଲା ରହିଥିଲା। ଅଭିଯୁକ୍ତମାନେ ଫୌଜଦାରୀ ମାମଲାରେ ଅଭିଯୁକ୍ତ ଥାଇ ଅଦାଲତରେ ହାଜର ହେଉନଥିବାରୁ ଜାମିନ ବିହୀନ ଗିରଫ ପରୱାନା ଜାରି କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

### ଗାଇଡ୍ କ୍ୟାପ୍‌ଟେନ୍ ସମ୍ବର୍ଦ୍ଧିତ



**ଆସିକା,୨୧।୯(ଡି.ଏନ୍.ଏ.):** ଆସିକା ରାମକୃଷ୍ଣ ଆଦର୍ଶ ବିଦ୍ୟାମନ୍ଦିରର ଗାଇଡ୍ କ୍ୟାପଟେନ୍ କାଦମ୍ବିନୀ ହୋତା ଜାତୀୟ ସ୍ତରୀୟ ସ୍କାଉଟ୍ ଓ ଗାଇଡ୍ କର୍ମଶାଳାରେ ସମ୍ବର୍ଦ୍ଧିତ ହୋଇଛନ୍ତି। ଭାରତ ସ୍କାଉଟ୍ ଓ ଗାଇଡ୍ ହିମାଳୟ ଉଡ୍‌ବେଜ୍‌ର ଏକଶହ ବର୍ଷ ପୂର୍ତ୍ତି ଅବସରରେ ପଶ୍ଚିମ ବଙ୍ଗର ଗଙ୍ଗାନଗର ଠାରେ ଅନୁଷ୍ଠିତ ଏକ ଜାତୀୟ କର୍ମଶାଳାରେ ତାଙ୍କୁ ଏହି ସମ୍ବର୍ଦ୍ଧନା ଦିଆଯାଇଛି। କାଦମ୍ବିନୀ ରାଜ୍ୟରୁ ପ୍ରତିନିଧିତ୍ୱ କରୁଥିବା ବିଭିନ୍ନ ବିଦ୍ୟାଳୟର ୭ଜଣ ସ୍କାଉଟ୍ ଓ ଗାଇଡ୍ ଶିକ୍ଷକଙ୍କ ମଧ୍ୟରେ ଗଞ୍ଜାମ ଜିଲ୍ଲାରୁ କାଦମ୍ବିନୀ ଏହି କର୍ମଶାଳାରେ ଏକମାତ୍ର ପ୍ରତିନିଧି ଭାବେ ଅଂଶ ଗ୍ରହଣ କରିଥିଲେ।

### ୩ ଟ୍ରାକ୍ଟରରୁ ଜରିମାନା ଆଦାୟ

**ଗୋପାଳପୁର,୨୧।୯:** କନିଷ୍ଠି ତହସିଲ ଅଞ୍ଚଳରେ ଟ୍ରକ ଓ ଟ୍ରାକ୍ଟର ମାଲିକମାନେ ୱାଇ ଫର୍ମ ନଥାଇ ବିଭିନ୍ନ ସମୟରେ ବାଲି, ପଥର, ମାଟି ଚାଲାଣ କରୁଛନ୍ତି। ଶନିବାର ସନ୍ଧ୍ୟାରେ ଭାରପ୍ରାପ୍ତ ତହସିଲଦାର ଅନିତା ସାହୁ ପାଲୁର ହିଲସ୍ ନିକଟରେ ତିନୋଟି ଟ୍ରାକ୍ଟରକୁ ଅଟକାଇ ୱାଇ ଫର୍ମ ଯାଞ୍ଚ କରିଥିଲେ। ତେବେ ଗାଡ଼ିଚାଳକ ଏହି ଫର୍ମ ଦେଖାଇ ପାରି ନ ଥିଲେ। ଏହି ତିନୋଟି ଟ୍ରାକ୍ଟରରୁ ୧୦ ହଜାର ଟଙ୍କା ଲେଖାଏ ଜରିମାନା ଆଦାୟ ହୋଇଥିବା ଜଣାପଡ଼ିଛି।

### ବିଧାୟିକାଙ୍କ ଦ୍ୱାରା ସରକାରୀ ସହାୟତା ପ୍ରଦାନ

**କବିସୂର୍ଯ୍ୟନଗର,୨୧।୯:** ସାପକାମୁଡ଼ା, ପାଣିରେ ବୁଡ଼ି ମୃତକଙ୍କ ପରିବାରକୁ ଗୁରୁବାର ସରକାରୀ ସହାୟତା ରାଶି ପ୍ରଦାନ କରାଯାଇଛି। କବିସୂର୍ଯ୍ୟନଗର ପାଇକ ଯମୁନା ପଞ୍ଚାୟତର ମୁନା ବିଷୋୟୀ ପାଣିରେ ବୁଡ଼ି ମୃତ୍ୟୁବରଣ କରିଥିବା ବେଳେ ଏ.ବରିଡ଼ା ଗ୍ରାମର ବାସନ୍ତି ପ୍ରଧାନଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଥିଲା। ଉଭୟ ପରିବାରକୁ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ଓ କବିସୂର୍ଯ୍ୟନଗର ତହସିଲଦାର ପ୍ରକାଶ ମିଶ୍ର ୪ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରି ସମବେଦନା ଜଣାଇଥିଲେ। ସ୍ଥାନୀୟ ଏ.ବରିଡ଼ା ଗ୍ରାମ ସରପଞ୍ଚ ପଞ୍ଚାନନ ବେହେରା, ସମିତିସଭ୍ୟ ନାରାୟଣ ବେହେରା, ପାଇକ ଯମୁନା ପଞ୍ଚାୟତର ସମିତିସଭ୍ୟ ଆରତୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

### ବ୍ଲକସ୍ତରୀୟ ଶାଳାସିଦ୍ଧି ତାଲିମ ଶିବିର

**ବୁଗୁଡ଼ା,୨୧।୯(ଡି.ଏନ.ଏ.):** ବୁଗୁଡ଼ା ବ୍ଲକ ପଙ୍କଲବାଡ଼ି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ଶାଳାସିଦ୍ଧି ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଏବିଇଓ ପ୍ରମୋଦ ଚନ୍ଦ୍ର ସେନାପତି ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ବଳ ଶିକ୍ଷକଭାବେ ମାନସ ରଞ୍ଜନ ସେଠୀ, ରାଜେଶ ସାହୁ, ଭବାନୀ ଶଙ୍କର ପାତ୍ର, ବି. ଦୁର୍ଗା ପ୍ରସାଦ ପ୍ରମୁଖ ଯୋଗଦେଇ ବିଦ୍ୟାଳୟରେ ଶୈକ୍ଷିକ ପରିବେଶ ସୃଷ୍ଟି କରାଯାଇ ସେଗୁଡ଼ିକର କିପରି ଉନ୍ନତି ହେବ ସେ ବିଷୟରେ ପ୍ରଧାନ ଶିକ୍ଷକମାନଙ୍କୁ ତାଲିମ ଦେଇଥିଲେ। ବିଇଓ ରସାନନ୍ଦ କର, ଅନିଲ ପରିଚ୍ଛା ଓ ତ୍ରିନାଥ ମହାରଣା ଯୋଗଦେଇ ସମୀକ୍ଷା କରିଥିଲେ। ଅନ୍ତରପଡ଼ା, ବିଷ୍ଣୁଚକ୍ର, ବାଲିପଦର, ରାମଣ୍ଡା, ତାଳଶାକର ପ୍ରଭୃତି ୬ଟି କ୍ଲଷ୍ଟରର ୫୬ ଜଣ ପ୍ରଧାନ ଶିକ୍ଷୟିତ୍ରୀ ଓ ପ୍ରଧାନ ଶିକ୍ଷକ ତାଲିମ ଗ୍ରହଣ କରିଥିଲେ।

## ରାଶନ ସାମଗ୍ରୀ ନ ମିଳିବାରୁ ଉତ୍ତେଜନା

# ପଞ୍ଚାୟତ ଅଫିସ ଆଗରେ ଧାରଣା

**ଧରାକୋଟ,୨୧।୯(ଡି.ଏନ.ଏ.)**

- ବିଡିଓଙ୍କ ହସ୍ତକ୍ଷେପ ପରେ ଥମିଲା
- ଲୋକେ ବୋହି ନେଇଥିବା ଚାଉଳ ଗୋଦାମକୁ ଫେରିଲା



ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଲୋକଙ୍କ ଧାରଣା।

ଧରାକୋଟ ବ୍ଲକ ମଚ୍ଛାକୋଟ ପଞ୍ଚାୟତରେ ପିଡିଏସ୍ ଚାଉଳ ଓ ଗହମ ବଣ୍ଟନରେ ଅନିୟମିତତା ନେଇ ଖାଉଟିଙ୍କ ମଧ୍ୟରେ ଉତ୍ତେଜନା ଦେଖା ଦେଇଛି।

ମିଳିଥିବା ସୂଚନା ଅନୁଯାୟୀ, ମଚ୍ଛାକୋଟ ପଞ୍ଚାୟତର ୮୦୨ ଜଣଙ୍କ ନାମରେ ରାଶନ କାର୍ଡ ମଞ୍ଜୁର ହୋଇଥିଲା। ପ୍ରାୟ ଶହେ ଜଣ ଦାରିଦ୍ର୍ୟ ସୀମାରେଖାତଳେ ଥିବା ପରିବାରକୁ ସରପଞ୍ଚ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଦସ୍ତଖତ ସମ୍ବଳିତ ପତ୍ର ଅନୁଯାୟୀ ସାମଗ୍ରୀ ବଣ୍ଟନ ନିଷ୍ପତ୍ତି ନିଆଯାଇଥିଲା। ସେଥିମଧ୍ୟରୁ କେତେଜଣ ହିତାଧିକାରୀଙ୍କୁ ଗତ ଜାନୁୟାରୀରେ ରାଶନ ସାମଗ୍ରୀ ବଣ୍ଟନ କରାଯାଇଥିବାବେଳେ ୱେବ୍‌ସାଇଟ ଖୋଲୁ ନ ଥିବା ଯୋଗୁ ଅନ୍ୟମାନଙ୍କୁ ଦିଆଯାଇପାରିନଥିଲା। ଚଳିତ ମାସରେ ରାଶନ ସାମଗ୍ରୀ ପ୍ରଦାନ ପାଇଁ ୭୯୫ ଜଣଙ୍କ ନାମଥିବା ତାଲିକା ସରକାରଙ୍କ ଠାରୁ ଆସିଥିବା ଯୋଗାଣ ସହାୟକ ନାରାୟଣ ପ୍ରଧାନ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ କହିଥିଲେ। ଶୁକ୍ରବାର ରାଶନ ସାମଗ୍ରୀ ବଣ୍ଟନ ଆରମ୍ଭ ହୋଇଥିଲା। ତେବେ ଉକ୍ତ ୭୯୫ ଜଣିଆ ତାଲିକାରେ କରାତଳି ଗ୍ରାମର ୫୨ ହିତାଧିକାରୀଙ୍କ ନାମ ନଥିଲା। ଫଳରେ ସେମାନେ ଜବରଦସ୍ତ ୧୦ କୁଇଣ୍ଟାଲ ଚାଉଳ ଘରକୁ ନେଇ ଯାଇଥିଲେ। ଏ ସମ୍ପର୍କରେ ନିର୍ବାହୀ ଅଧିକାରୀଙ୍କ ଠାରୁ ଖବର ପାଇ ଶନିବାର ବଡ଼ଗଡ଼ ଥାନାଧିକାରୀ ପ୍ରତାପ ଚନ୍ଦ୍ର ତ୍ରିପାଠୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ତଦନ୍ତ କରି ଲୋକମାନଙ୍କୁ ବୁଝାସୁଝା ପରେ ନେଇଯାଇଥିବା ଚାଉଳ ସମ୍ପୃକ୍ତ ହିତାଧିକାରୀଙ୍କଠାରୁ ଫେରାଇ ଆଣି ପଞ୍ଚାୟତ ଗୋଦାମରେ ଧରାକୋଟ ବିଡିଓ, ଏବିଡିଓ, ଯୋଗାଣ ନିରୀକ୍ଷକ, ସହକାରୀ ଯନ୍ତ୍ରୀ ଓ ସ୍ଥାନୀୟ ସରପଞ୍ଚଙ୍କ ଉପସ୍ଥିତିରେ ମହଜୁଦ ରଖିଥିଲେ। ଏହା ମଧ୍ୟରେ ଉତ୍ତ୍ୟକ୍ତ ଲୋକମାନେ ରାଶନ କାର୍ଡରେ ସାମଗ୍ରୀ ପାଇଁ ଜିଦ୍ କରିବା ସହ ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଦିନ ତମାମ ଧାରଣାରେ ବସିଥିଲେ। ଖବର ପାଇ ଧରାକୋଟ ବିଡିଓ ଅଜୟ କୁମାର ପ୍ରଧାନ, ଏବିଡିଓ ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ଯୋଗାଣ ନିରୀକ୍ଷକ ଶରତ କୁମାର ରାଉତ, ସହକାରୀ ଯନ୍ତ୍ରୀ ମୋହନ ସାହୁ, ବଡ଼ଗଡ଼ ଥାନାଧିକାରୀ ଲୋକମାନଙ୍କୁ ବୁଝାସୁଝା କରିଥିଲେ। ଧରାକୋଟ ବିଡିଓ କହିଥିଲେ ଦାରିଦ୍ର୍ୟ ସୀମାରେଖା ତଳେ ରହିଥିବା ହିତାଧିକାରୀଙ୍କ ସମସ୍ତ ତଥ୍ୟ ଯାଞ୍ଚ ପରେ ଅନ୍‌ଲାଇନ କରାଯିବ। ଏହାସହ ଜିଲାପାଳଙ୍କ ପରାମର୍ଶ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ। ବିଡିଓଙ୍କ ପ୍ରତିଶ୍ରୁତି ପରେ ଉତ୍ତେଜନା ହ୍ରାସ ପାଇବା ସହ ମଚ୍ଛାକୋଟ ଗ୍ରାମପଞ୍ଚାୟତର ବିଭିନ୍ନ ଗ୍ରାମରୁ ଆସିଥିବା ଲୋକମାନେ ଧାରଣାରୁ ଓହରିଥିଲେ।

## କେନ୍ଦ୍ରୀୟ ଯୋଜନାର ସମୀକ୍ଷା ବୈଠକ

**ଶେରଗଡ,୨୧।୯(ଡି.ଏନ.ଏ.)**

ଶେରଗଡ ପଞ୍ଚାୟତ ସଭାଗୃହରେ ଶୁକ୍ରବାର କେନ୍ଦ୍ରସରକାରଙ୍କ ଯୋଜନାର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ପ୍ରତିନିଧି ଗୋବିନ୍ଦ ଶର୍ମା ଉପସ୍ଥିତ ରହି ସମୀକ୍ଷା କରିଥିଲେ। କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ, ଘରୋଇ ପାଇଖାନା, ଖାଦ୍ୟ ସୁରକ୍ଷା ଯୋଜନା, ଦିନଦୟାଲ ଉପାଧ୍ୟାୟ ଯୋଜନା, ବିଜୁଳି ସଂଯୋଗ, ଘରୋଇ ଗ୍ୟାସ ସମ୍ପର୍କରେ ହିତାଧିକାରୀଙ୍କୁ ପଚାରି ବୁଝିବା ପରେ ସରପଞ୍ଚ ସାଗରିକା ପ୍ରଧାନ, ଓାର୍ଡସଭ୍ୟ ମାନଙ୍କୁ ଯୋଜନାର ସଫଳ ରୂପାୟନ ଦିଗରେ ପଚାରି ବୁଝିଥିଲେ। ଉକ୍ତ ପରିଦର୍ଶନ ସମୟରେ ଶର୍ମାଙ୍କ ସମେତ ଜିଲା ପଞ୍ଚାୟତ ଅଧିକାରୀ ଧର୍ମାନନ୍ଦ ସାଠିଆ, ଜଲା କାର୍ଯ୍ୟକ୍ରମ ପରିଚାଳକ ଦୀପକ କୁମାର ପାତ୍ର, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ବାପି ସୁକାନ୍ତ ପଟ୍ଟନାୟକ, ବିଡିଓ ସୁରଞ୍ଜନ କୁମାର ସାହୁ, ସହକାରୀ ଯନ୍ତ୍ରୀ ମହିନ୍ଦ୍ର କୁମାର ଷଡଙ୍ଗୀଙ୍କ ସମେତ ଜିପିଓ ବିନାୟକ ପଣ୍ଡା ଅନ୍ୟମାନେ ଉପସ୍ଥିତ ଥିଲେ।

# ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି

**ଆସିକା,୨୧।୯(ଡି.ଏନ୍.ଏ.)**



ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଆସିକା ବ୍ଲକ କେନ୍ଦୁପଦରସ୍ଥିତ ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ଶନିବାର ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି 'ମୋ ନିବେଦନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆସିକା ବିଡିଓ ଗାୟତ୍ରୀଦତ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଅଭିଯୋଗ ଶୁଣାଣିରେ ଗୋଷ୍ଠୀ ସାମାଜିକ ଅଧିକାରୀ ପି. ପଦ୍ମା, ଯୋଗାଣ ନିରୀକ୍ଷକ ଜୟରାମ ଲେଙ୍କାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ସାମିଲ୍ ଥିଲେ। ଆସିକା ବ୍ଲକର କେନ୍ଦୁପଦର, ମୁନିଗାଡି, ବାଙ୍ଗରଡା, ବେଣାପାଟ, ନିମିନା, ବାଲିସିରା ଓ କମାଗଡ ପଞ୍ଚାୟତର ଜନସାଧାରଣ ଅଭିଯୋଗ ଶୁଣାଣିରେ ସାମିଲ୍ ଥିଲେ। ଅଧିକାରୀମାନଙ୍କ ନିକଟରେ ୭ ପଞ୍ଚାୟତର ସମୁଦାୟ ୪୭୬ଟି ଅଭିଯୋଗ ଦାଖଲ ହୋଇଥିଲା। ବହୁ ଅଭିଯୋଗ ଆବାସ, ଭତ୍ତା ଏବଂ ଖାଉଟି କାର୍ଡ ସମ୍ବନ୍ଧିତ ଥିଲା। ମୁନିଗାଡି ପଞ୍ଚାୟତ ବିଦ୍ୟାଳୟରେ ଆବଶ୍ୟକୀୟ ଶିକ୍ଷକ ନିଯୁକ୍ତି ପାଇଁ ଦାବି ହୋଇଥିଲା। କାର୍ଯ୍ୟକ୍ରମରେ ଭବାନୀ ଶଙ୍କର ମଲିକ, ମନୋଜ କୁମାର ପୋଲାଇ, ରବୀନ୍ଦ୍ର ପରିଡା, ରମେଶ ବଡେଇ, ଶିବରାମ ଗୌଡ, ରବିନ୍ଦ୍ର ବିଷୋୟୀ, ପ୍ରତିମା ନାୟକ, ଲକ୍ଷ୍ମୀ ବେହେରା ପ୍ରମୁଖ ଯୋଗଦେଇ ସେମାନଙ୍କ ପଞ୍ଚାୟତର ଅଭିଯୋଗ ଦାଖଲ କରିଥିଲେ।

## ସ୍ୱଚ୍ଛଭାରତ ଅଭିଯାନରେ ସାମିଲ ହେଲେ କଣ୍ଟ୍ରାକ୍ଟର

**ଶେରଗଡ,୨୧।୯(ଡି.ଏନ.ଏ.)**

ପୂର୍ତ୍ତବିଭାଗ ଶେରଗଡରେ ଅଞ୍ଚଳରେ ସାମାଜିକ ସେବା ହାତକୁ ନେଇଛି। ଶନିବାର ଅପରାହ୍ନରେ ଶେରଗଡ ଓ ଏହାର ଆଖପାଖ ଅଞ୍ଚଳର ଠିକାଦାର ଓ କଣ୍ଟ୍ରାକ୍ଟରମାନଙ୍କୁ ସ୍ୱଚ୍ଛ ଭାରତ ଅଭିଯାନରେ ସାମିଲ କରିଛି। ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ବାବୁଲି ଚାନ୍ଦ ଗୌଡ, ଯନ୍ତ୍ରୀ ବନୋଜ କାନ୍ତ ସେଠୀ, ଶେରଗଡ ବିଡିଓ ସୁରଞ୍ଜନ କୁମାର ସାହୁ, ଯୁକ୍ତ ଦୁଇ ଅଧକ୍ଷ ଲୋକନାଥ ପରିଡା ଓ ଶେରଗଡ ଆଖପାଖ ଅଞ୍ଚଳର ବହୁ କଣ୍ଟ୍ରାକ୍ଟର ଠିକାଦାର, ପୂର୍ତ୍ତ ବିଭାଗ କର୍ମଚାରୀମାନଙ୍କୁ ନେଇ ଏକ ରାଲି ହୋଇଥିଲା। ପୂର୍ତ୍ତବିଭାଗ ଡାକ ବଙ୍ଗଳା ଠାରୁ ରାଲି ବାହାରି ଶେରଗଡ ଚାରିଛକରେ ପହଞ୍ଚିଥିଲା। ସେଠାରୁ ରାସ୍ତା କଡରେ ଥିବା ଅଳିଆଆବର୍ଜନ ସଫା କରାଯାଇଥିଲା। ପରେ ଡାକରଡା ରୋଡ ଦେଇ ଏହି ଅଭିଯାନ ହିଞ୍ଜିଳି ଶେରଗଡ ରାସ୍ତା ପର୍ଯ୍ୟନ୍ତ ଯାଇଥିଲା। ରାସ୍ତାଘାଟରେ ଅଳିଆ ଆବର୍ଜନା ନପକାଇବାକୁ ସଚେତନ କରାଯାଇଥିଲା। କଣ୍ଟ୍ରାକ୍ଟର ସଚିନ ପାଢୀ, ଅବନୀ ପ୍ରସାଦ ଦାଶ, ସାମାଜିକକର୍ମୀ ଦୁର୍ଗାମାଧବ ବିଶୋୟୀ, ବଳରାମ ପାଢୀ, ପୀତବାସ ସ୍ୱାଇଁ, ଟୁଲୁ ପାଢୀଙ୍କ ସମେତ ବହୁ ବ୍ୟକ୍ତି ଯୋଗ ଦେଇଥିଲେ।

> ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଆଇନ ସଚେତନତା ଶିବିର

**ଆସିକା,୨୧।୯(ଡି.ଏନ୍.ଏ.)**

ଆସିକା ତାଲୁକା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଶନିବାର ଆସିକା ବିଜ୍ଞାନ ମହାବିଦ୍ୟାଳୟ ପରିସରରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଛାତ୍ରୀଛାତ୍ର ଓ ଅଧ୍ୟାପକମାନେ ଏହି କାର୍ଯ୍ୟକ୍ରମରେ ସାମିଲ୍ ଥିଲେ। ମହାବିଦ୍ୟାଳୟ ଜାତୀୟ ସେବା ସଂସ୍ଥା ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ତାଲୁକା ଆଇନ ସେବା ପ୍ରାଧିକରଣ ଅଧକ୍ଷ ତଥା ଅତିରିକ୍ତ ଜିଲାଜଜ୍ ରାଜଲକ୍ଷ୍ମୀ ପଟ୍ଟନାୟକ, ବରିଷ୍ଠ ଦେୱାନୀ ବିଚାରପତି ହୃଷିକେଶ ଆଚାର୍ଯ୍ୟ, କନିଷ୍ଠ ଦେୱାନୀ ବିଚାରପତି ଚିନ୍ମୟୀ ଜେନା, ଦ୍ୱିତୀୟ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ସ୍ୱର୍ଣ୍ଣପ୍ରଭା ସ୍ୱାଇଁ, ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ, ବରିଷ୍ଠ ଆଇନଜୀବୀ ସୁରେନ୍ଦ୍ରନାଥ ପଣ୍ଡା, ଅଜିତ୍ ଚୌଧୁରୀ, ଛବିଳରାମ ମିଶ୍ର, ନାରାୟଣ ମୁନି, ସୁଧାଂଶୁ ପାଣିଗ୍ରାହୀ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ ଏସିଡ୍ ଆକ୍ରମଣ ଓ ଏଥିରେ ପୀଡିତାଙ୍କୁ ଆଇନଗତ ସହାୟତା ସମ୍ପର୍କରେ ଆଲୋଚନା କରିଥିଲେ। ମହାବିଦ୍ୟାଳୟର ଅଧକ୍ଷ ତାରାପ୍ରସାଦ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସେବା ସଂସ୍ଥା ଅଧିକାରୀ ସରୋଜ କୁମାର ପଣ୍ଡା ସଂଯୋଜନା କରିଥିଲେ।



ଆଇନ ସଚେତନତା କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ଓ ଅଧ୍ୟାପକ।

# କନ୍ଧୁଣୀଦେବୀ ମହୋତ୍ସବ ଉଦ୍‌ଯାପିତ



ମଞ୍ଚାସୀନ ମନ୍ତ୍ରୀ, ଏମ୍‌ପି ଓ ବିଧାୟକ।

**ସୋରଡା,୨୧।୯(ଡି.ଏନ୍.ଏ.)**

ଗଞ୍ଜାମ ପ୍ରସିଦ୍ଧ ମା' କନ୍ଧୁଣୀ ଦେବୀ ମହୋତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ପଣ୍ଡା ଯୋଗଦେଇ କହିଥିଲେ, ଏହି ଅଞ୍ଚଳ ହେଉଛି କଳା ଓ ସଂସ୍କୃତିର ଅଞ୍ଚଳ। ଏଠାରେ ପର୍ଯ୍ୟଟନର ବିକାଶ ପାଇଁ ରାଜ୍ୟ ସରକାର ଭରପୁର ଅନୁଦାନ ପ୍ରଦାନ କରିଛନ୍ତି। ଆଗକୁ ମଧ୍ୟ ଏହିପରି ବିକାଶ ଜାରି ରହିବ। ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମର ଶେଷ ସନ୍ଧ୍ୟାରେ ଆସିକା ଏମ୍‌ପି ପ୍ରମିଳା ବିଷୋୟୀ, ବ୍ରହ୍ମପୁର ଏମ୍‌ପି ଚନ୍ଦ୍ର ଶେଖର ସାହୁ, ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ଛତ୍ରପୁର ବିଧାୟକ ସୁବାସ ବେହେରା, ଗୋପାଳପୁର ବିଧାୟକ ଡ. ପ୍ରଦୀପ କୁମାର ପାଣିଗ୍ରାହୀ ଯୋଗ ଦେଇଥିଲେ। ଶେଷ ସନ୍ଧ୍ୟାରେ ସମ୍ବଲପୁରୀ, ଓଡ଼ିଶୀ, ଗୋଟିପୁଅ, ଛଉନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା। ସ୍ମାଇଲ୍ କ୍ଲବ ତରଫରୁ ଜଗଦୀଶ ଦୋରା, ଜଗା ପାଢଯୋଶୀଙ୍କ ତତ୍ତ୍ୱାବଧାନରେ ଏବଂ କନ୍ଧୁଣୀଦେବୀ ସେବା ସଂଘର ପିଣ୍ଟୁ କର, ରାଜା ଦାଶଙ୍କ ଦ୍ୱାରା ଭକ୍ତଙ୍କୁ ମାଗଣା ପ୍ରସାଦ ବଣ୍ଟନ କରାଯାଇଥିଲା।

## ଅଲାରିଗଡ ବିଦ୍ୟାଳୟରେ ତଳେ ବସିବାକୁ ନା

**ଶେରଗଡ,୨୧।୯(ଡି.ଏନ.ଏ.)**

ଶେରଗଡ ବ୍ଲକ ଅଲାରିଗଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ତଳେ ବସିବାକୁ ନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷା ସାରସ ସ୍ୱାଇଁ ଉପସ୍ଥିତ ରହି ଏହାର ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟକୁ ମୋଟ ୨୮ଟି ବେଞ୍ଚଡେସ୍କ ପ୍ରଦାନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅଲାରିଗଡ଼ ସରପଞ୍ଚ ଅଶୋକ କୁମାର ସ୍ୱାଇଁ, ପୂର୍ବତନ ସରପଞ୍ଚ ଦିଗାମ୍ବର ନାହାକ, ସିଆରସିସି ବାବୁଲା ବେହେରା ପ୍ରମୁଖ ଯୋଗ ଦେଇଥିବାବେଳେ ବିଦ୍ୟାଳୟ ଅଭିଭାବକ ଓ କର୍ମଚାରୀ ଯୋଗ ଦେଇଥିଲେ।

## ନିଃସହାୟ ବୃଦ୍ଧଙ୍କୁ ଥଇଥାନ କଲା ପ୍ରଶାସନ

**ପୁରୁଷୋତ୍ତମପୁର,୨୧।୯(ଡି.ଏନ.ଏ.)**

**ଧରିତ୍ରୀ ପ୍ରଭାବ**

ପୁରୁଷୋତ୍ତମପୁର ଏନ୍‌ଏସିର ଏକ ସ୍ଥାନରୁ ନିଃସହାୟ ଅବସ୍ଥାରେ ବଞ୍ଚିବା ଲାଗି ରାହା ଖୋଜୁଥିଲେ ବୃଦ୍ଧ ରାମ ସାବତ (୮୦)। ତାଙ୍କୁ ରଥସାହି ଛକର ଯୁବକମାନେ ଉଦ୍ଧାର କରି ଥଇଥାନ ଲାଗି ପ୍ରଶାସନକୁ ଅନୁରୋଧ କରିଥିଲେ। ଏ ନେଇ ଶନିବାର ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଏଥିପାଇଁ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇ ବୃଦ୍ଧଙ୍କୁ ଅନୁସନ୍ଧାନ ଲାଗି ତହସିଲଦାର ଅରୁଣ କୁମାର ନାୟକ ଓ କର୍ମଚାରୀମାନେ ଲାଗି ପଡ଼ିଥିଲେ। ପରେ ବୃଦ୍ଧଙ୍କୁ ରଖିଥିବା ଯୁବକମାନେ ତହସିଲ କର୍ମଚାରୀ ପିଏସ୍ ରଜନୀକାନ୍ତ ଓ ପୁରୁଷୋତ୍ତମପୁର ଆର୍‌ଆଇ ଭଗବାନ ସେଠୀଙ୍କୁ ହସ୍ତାନ୍ତର କରିଥିଲେ। ହିଞ୍ଜିଳି ବ୍ଲକ ବୃଦ୍ଧଙ୍କ ନିଜ ଗ୍ରାମ ନନ୍ଦିକର ସରପଞ୍ଚ ଲିଳିମାଳା ପ୍ରଧାନଙ୍କ ସ୍ୱାମୀ ତଥା ପୂର୍ବତନ ସରପଞ୍ଚ ରୋହିତ କୁମାର ପ୍ରଧାନ ବୃଦ୍ଧଙ୍କୁ ନିଜ ଗାଁକୁ ନେଇ ରଖିବାକୁ କହିଥିଲେ। ପରେ ବୃଦ୍ଧଙ୍କୁ ନୂତନ ବସ୍ତ୍ର ପ୍ରଦାନ କରିଛନ୍ତି। ତହସିଲଦାର ଅରୁଣ କୁମାର ନାୟକଙ୍କ ନିର୍ଦ୍ଦେଶରେ ତହସିଲ କର୍ମଚାରୀମାନେ ବୃଦ୍ଧଙ୍କ ଥଇଥାନ ଲାଗି ରୋହିତଙ୍କୁ ହସ୍ତାନ୍ତର କରି ଯତ୍ନର ସହ ରଖିବାକୁ ପରାମର୍ଶ ଦେଇଥିଲେ। ବୃଦ୍ଧଙ୍କ କେହି ନ ଥିବାରୁ ସେ ଭୋକଉପାସରେ ବଞ୍ଚିବା ଲାଗି ରାହା ଖୋଜୁଥିଲେ।



ନିଃସହାୟ ବୃଦ୍ଧଙ୍କୁ ତହସିଲ ପ୍ରଶାସନକୁ ହସ୍ତାନ୍ତର।

## ବେଳାଭୂମି ସଫେଇ ଦିବସ

# କଇଁଛଙ୍କ ସୁରକ୍ଷା ପାଇଁ ବେଳାଭୂମି ସଫେଇ

**ଗଞ୍ଜାମ,୨୧।୯(ଡି.ଏନ.ଏ.)**



ସମୁଦ୍ର ବେଳାଭୂମି ସଫେଇ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

ଗଞ୍ଜାମ ଋଷିକୁଲ୍ୟା ମୁହାଣ ସମୁଦ୍ର ଉପକୂଳରେ ଆଉ କିଛି ମାସ ପରେ କଇଁଛ ଗଣ ଅଣ୍ଡାଦାନ କରିବେ । ସେମାନଙ୍କ ସୁରକ୍ଷା ପାଇଁ ଶନିବାର ବିଶ୍ୱ ବେଳାଭୂମି ସଫେଇ ଦିବସ ଅବସରରେ ଗଞ୍ଜାମ ବ୍ଲକ ପାଳିବନ୍ଧ ପଞ୍ଚାୟତ ପୋଡ଼ମପେଟାସ୍ଥିତ ସମୁଦ୍ର ବେଳାଭୂମି ସଫେଇ କରାଯାଇଛି। ସ୍ଥାନୀୟ ସରପଞ୍ଚ ଦିଲୀପ ଛୋଟରାଏ ଏହାର ନେତୃତ୍ୱ ନେଇଥିଲେ । ପାଳିବନ୍ଧ ପଞ୍ଚାୟତ ଏବଂ ସ୍ଥାନୀୟ ଗ୍ରାସୀମ ଇଣ୍ଡଷ୍ଟ୍ରିଜର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ଉପଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି, ବିଡିଓ ଜ୍ୟୋତି ଶଙ୍କର ରାଏ, ତହସିଲଦାର ଅବନୀ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏଥିସହ ପଲିଥିନ ଓ ପ୍ଲାଷ୍ଟିକ ବ୍ୟବହାର ବର୍ଜନ ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟଙ୍କ ମଧ୍ୟରେ ଗ୍ରାସୀମ ଇଣ୍ଡଷ୍ଟ୍ରିଜ ୟୁନିଟ ହେଡ୍ ଏସ୍‌ଏସ ପାରିକ, ଲୋକ ସମ୍ପର୍କ ସୂଚନା ଅଧିକାରୀ ରବୀନ୍ଦ୍ର କୁମାର ମହାନ୍ତି, ଏଚ୍‌ଆର ମୁଖ୍ୟ କେଜି ଗେନରୱାଲ, ପ୍ରବୀଣ ଦାସ, ଖଲ୍ଲିକୋଟ ରେଞ୍ଜର ଦିଲୀପ କୁମାର ମାର୍ଥା ପ୍ରମୁଖ ଉପସ୍ଥିତ ଥିଲେ। ପୁରୁଣାବନ୍ଧ ସ୍କାଉଟ ଗାଇଡ, ନୀଳାଦ୍ରିପୁର ଲବଣ ଶ୍ରମିକ ଉଚ୍ଚ ବିଦ୍ୟାଳୟ, ଗଞ୍ଜାମ ପ୍ରେସ୍ କ୍ଲବ, ଗଞ୍ଜାମ କଲେଜ ଏନ୍‌ସିସି, ପୋଡମ୍‌ପେଟା ଗ୍ରାମର ସାଗର କନ୍ୟା ଯୁବକ ସଂଘ, ଗୋଖରକୁଦା ସ୍ୱାମୀ ବିବେକାନନ୍ଦ ଯୁବକ ସଂଘ, ମହିଳା ସ୍ୱୟଂ ସହାୟିକା, ଓଡ଼ିଶା ମହିଳା ଜୀବିକା ମିଶନ ସମେତ ୫୦୦ରୁ ଊର୍ଦ୍ଧ୍ୱ ଯୁବକ, ଛାତ୍ରୀଛାତ୍ର ଏଥିରେ ସାମିଲ ଥିଲେ ।

ଧରିତ୍ରୀ
DHARITRI
ରବିବାର, ୨୨ ସେପ୍ଟେମ୍ବର, ୨୦୧୯



■ କନ୍ଧମାଳ: ଜୋର ଧରିଲା ମେଡିକାଲ କଲେଜ ଦାବି

# ରାଷ୍ଟ୍ରପତି, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଫୁଲବାଣୀ ଅଫିସ, ବାଲିଗୁଡା/କ.ନୂଆଗାଁ/ଜି.ଉଦୟଗିରି, ୨୧ା୯(ଡି.ଏନ୍.ଏ.)

କନ୍ଧମାଳ ଜିଲାରେ ସରକାରୀ ମେଡିକାଲ କଲେଜ ଦାବି ବହୁ ବର୍ଷ ହେଲା ହୋଇଆସୁଛି। ବିଶେଷ କରି କୁଇ ସମାଜ ସମନ୍ୱୟ ସମିତି ପକ୍ଷରୁ ଏହି ଦାବି ହୋଇ ଆସୁଥିଲା। ଏବେ ଜିଲାର ବିଭିନ୍ନ ସଙ୍ଗଠନକୁ ନେଇ ମିଳିତ ନାଗରିକ କମିଟି ଗଠନ ହୋଇଛି। ଏହି ଦାବିକୁ ଉକ୍ତ କମିଟି ଜିଲାରେ ଜୋରଦାର କରିଛି। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଶନିବାର ଜିଲାରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ମିଳିତ ନାଗରିକ କମିଟି ପକ୍ଷରୁ ଏକ ଶୋଭାଯାତ୍ରା କରାଯାଇଛି। ବିଭିନ୍ନ ସଂଗଠନର କର୍ମକର୍ତ୍ତା ଏଥିରେ ସାମିଲ ହୋଇ ମାଦିକୁନ୍ଦା ଛକରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। କନ୍ଧମାଳକୁ ଆଉ ଅଣଦେଖା ଚଳିବ ନାହିଁ। ସରକାର ମେଡିକାଲ ପ୍ରତିଷ୍ଠା ନ କଲେ ଆଗାମୀ ଦିନରେ ଅଖ ଚକ ସବୁ ବନ୍ଦ କରାଯିବ। ଗରିବ ଜନସାଧାରଣ ତଥା ଆଦିବାସୀଙ୍କ ହିତକୁ ଦୃଷ୍ଟିରେ ରଖି ସରକାର ଦାବି ମାନି ନିଅନ୍ତୁ ବୋଲି ସ୍ଲୋଗାନ ଦେଇଥିଲେ। ଶୋଭାଯାତ୍ରା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିବାପରେ ସେଠାରେ ଏକ ପ୍ରତିବାଦ ସଭା କରାଯାଇଥିଲା। ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ସାମିଲ ହୋଇ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। କନ୍ଧମାଳରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ସମସ୍ତେ ଦାବି କରିଥିଲେ। ଏହାପରେ ଜିଲାପାଳଙ୍କ ଜରିଆରେ ଏକ ଦାବିପତ୍ର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା।

ଓଡିଶାର କେନ୍ଦ୍ରସ୍ଥଳରେ ଅବସ୍ଥିତ ଆଦିବାସୀ ବହୁଳ ପଛୁଆ ଜିଲା କନ୍ଧମାଳ। ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକରେ ଆବଶ୍ୟକ ଭିତ୍ତିଭୂମି ନାହିଁ। ଡାକ୍ତର ଏବଂ ବିଶେଷଜ୍ଞ ପଦବୀ ଖାଲି ପଡୁଛି। ଅଧିକାଂଶ ସମୟରେ ରୋଗୀମାନଙ୍କୁ ୧୭୫ କିମି ଦୂର ବ୍ରହ୍ମପୁର ଓ ୨୫୦ କିମି ଦୂର କଟକ ବଡ ମେଡିକାଲକୁ ପଠାଯାଉଛି। ରୋଗୀ ସେଠାରେ ପହଞ୍ଚିବାବେଳକୁ ଅନେକ ସମୟରେ ମୃତ୍ୟୁ ଘଟୁଛି। କନ୍ଧମାଳରେ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା ହେଲେ କନ୍ଧମାଳ ସମେତ ପଡୋଶୀ ବୌଦ୍ଧ, ସୋନପୁର ଏବଂ ନୟାଗଡ ଜିଲାର ଲୋକେ ଉପକୃତ ହେବେ। ୨୦୧୭ରେ ସେତେବେଳର କେନ୍ଦ୍ର ରାଷ୍ଟ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଫଗନ ସିଂ କୁଲସ୍ତେ ଆସି କନ୍ଧମାଳରେ ମେଡିକାଲ କଲେଜ ସ୍ଥାପନ ପାଇଁ ଜିଲାର ବିଭିନ୍ନ ପ୍ରାନ୍ତର ଲୋକଙ୍କ ମତ ଉପରେ ରିପୋର୍ଟ ଦେବାକୁ ରାଜ୍ୟ ସରକାରଙ୍କୁ କହିଥିଲେ। ହେଲେ ଆଜି ପର୍ଯ୍ୟନ୍ତ ତାହା ପ୍ରଦାନ କରାଯାଇନାହିଁ। ଇତି ମଧ୍ୟରେ କେନ୍ଦ୍ର ସରକାର ୭୫ଟି ସରକାରୀ ମେଡିକାଲ୍ କଲେଜ ଓ ହସ୍ପିଟାଲ୍ ଘୋଷଣା କରିଛନ୍ତି। ତେଣୁ ଅଗ୍ରାଧିକାର ଭିତ୍ତିରେ ସେଥି ମଧ୍ୟରୁ ଗୋଟିଏ କନ୍ଧମାଳ ଜିଲାରେ ପ୍ରତିଷ୍ଠା କରିବାକୁ କମିଟି ଦାବି କରିଛି। କମିଟି ସଭାପତି ଡ. ଅରୂପ ଜେନା, ସମ୍ପାଦକ ଅଶୋକ କୁମାର ପରିଡା, ଉପ ସଭାପତି ଗୋବିନ୍ଦ ଘଟାଲ, ବଣିକ ସଂଘ ସଭାପତି ଅଶୋକ ପଟ୍ଟନାୟକ, କୁଇ ସମାଜ ସମନ୍ୱୟ ସମିତି ସାଧାରଣ ସମ୍ପାଦକ ଲମ୍ବୋଦର କହଁର, ପ୍ରେସ୍ କ୍ଲବ ସଭାପତି ଶିବ ପ୍ରସାଦ ତ୍ରିପାଠୀ, ବରିଷ୍ଠ ନାଗରିକ ସଂଘ ସଭାପତି ନବୀନ କିଶୋର ପଣ୍ଡା, ଅବସରପ୍ରାପ୍ତ କର୍ମଚାରୀ ସଂଘର ସୂର୍ଯ୍ୟ ମହାପାତ୍ର, ମହିଳା ଅଧିକାର ଅଭିଯାନର ସଭାନେତ୍ରୀ କୁନି ମଲ୍ଲିକ, ଗୀତାଞ୍ଜଳି କହଁର, ରେଶ୍ମା ଦିଗାଲଙ୍କ ସମେତ ବହୁ ଛାତ୍ରୀଛାତ୍ର, ବୁଦ୍ଧିଜୀବୀ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

ବାଲିଗୁଡା ବ୍ଲକରେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଲୋକେ ଏକାଠି ହୋଇ ଶୋଭାଯାତ୍ରାରେ ବସ୍‌ଷ୍ଟାଣ୍ଡ, ବଜାର ଦେଇ ବ୍ଲକକୁ ଯାଇଥିଲେ। ସେଠାରେ ବିଡିଓ ନରେଶ ଚନ୍ଦ୍ର ଶବରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ଦିଆଯାଇଥିଲା। ସ୍ମାରକପତ୍ର ପ୍ରଦାନ ବେଳେ ବରିଷ୍ଠ ଆଇନଜୀବି କୌଶିକ ସାହୁ, ରାଜ କିଶୋର ପାଢୀ, ଭଗବାନ ଜେନା, ପ୍ରକାଶ ନାୟକ, ରବୀନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି କ.ନୂଆଗାଁରେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। କଞ୍ଚାମେଣ୍ଡି ସରପଞ୍ଚ ସାନିରା ପ୍ରଧାନଙ୍କ ନେତୃତ୍ୱରେ ସିର୍ତ୍ତିଗୁଡା ସରପଞ୍ଚ ବନମାଳୀ ପ୍ରଧାନ, ବଣ୍ଡଗୁଡା ସରପଞ୍ଚ ସଙ୍ଗିତା ନାୟକ, ଗୁଞ୍ଜିବାଡି ସରପଞ୍ଚ ଯୁବତୀ ପ୍ରଧାନ, ଜିରଡିକିଆ ସରପଞ୍ଚ ମହାଦେବ ପ୍ରଧାନ, ମଦନ ସୁଆଲ ସିଂ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

ଜି.ଉଦୟଗିରି ମିଳିତ ନାଗରିକ କମିଟି ପକ୍ଷରୁ ସଭାପତି ସମୀର କୁମାର ପାଢ଼ୀଙ୍କ ତତ୍ତ୍ୱାବଧାନରେ ସଦସ୍ୟମାନେ ବଜାର ଗାନ୍ଧୀ ଛକରୁ ଏକ ଶୋଭାଯାତ୍ରାରେ ବ୍ଲକକୁ ଯାଇଥିଲେ। ସେଠାରେ ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ, ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ସମେତ ସ୍ୱାସ୍ଥ୍ୟ ସଚିବଙ୍କୁ ସ୍ମାରକପତ୍ର ଦେଇଥିଲେ। ବରିଷ୍ଠ ନାଗରିକ ଦେବନାଥ ଦଳ ବେହେରା, ଅଟୋ ଆସୋସିଏଶନ ସଭାପତି ବାଳକୃଷ୍ଣ ମହାନ୍ତି, କୁଇ ସମାଜ ନେତା ପ୍ରଦୀପ କହଁର, ଆଇନଜୀବୀ ରମେଶ ବେହେରା, ବ୍ୟବସାୟୀ ସଂଘ ସମ୍ପାଦକ ସନ୍ତୋଷ ଆଚାର୍ଯ୍ୟ, ବିଜେଡି ଜିଲା ସମ୍ପାଦକ କାଳୁଚରଣ ପଣ୍ଡା, ଜିଲା ପରିଷଦ ସଦସ୍ୟ ଅମର ସିଂ ନାୟକ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।


ଫୁଲବାଣୀରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ସଂକ୍ଷେପରେ

### ଡିକି ଭାଙ୍ଗି ୨୦ ହଜାର ଟଙ୍କା ଲୁଟ୍

ଶଙ୍କରାଖୋଲ, ୨୧ା୯(ଡି.ଏନ.ଏ.): ଟିକାବାଲି ଥାନା କୋଟିଲାଗଡ଼ର ସୁରେନ୍ଦ୍ର ବିଶୋଇଙ୍କ ଗାଡି ଡିକି ଭାଙ୍ଗି କେହି ଦୁର୍ବୃତ୍ତ ୨୦ ହଜାର ଟଙ୍କା ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏହି ଘଟଣାରେ ତଦନ୍ତ ଆରମ୍ଭ କରିଥିଲେ ମଧ କାହାରିକୁ ଧରିବାରେ ସକ୍ଷମ ହୋଇନାହିଁ। ସୁରେନ୍ଦ୍ର ଶୁକ୍ରବାର ବ୍ୟାଙ୍କ ଯାଇ ୨୦ ହଜାର ଟଙ୍କା ଉଠାଇ ଗାଡ଼ି ଡିକିରେ ରଖିଥିଲେ। ସେଠାରୁ ବସ୍‌ଷ୍ଟାଣ୍ଡ ଆସି ଏକ ଦୋକନରେ ଚାହା ପିଇଥିଲେ। ସେଠାରୁ ଟେଙ୍ଗେଡା ଛକସ୍ଥିତ ଏକ ଗ୍ରୀଲ ଦୋକାନକୁ ଯାଇଥିଲେ। କାମ ସାରି ଘରକୁ ଯାଇ ସୁରେନ୍ଦ୍ର ଗାଡି ଡିକି ଖୋଲିବାରୁ ସେଥିରେ ଟଙ୍କା ନ ଥିବା ଦେଖି ଥାନାରେ ଅଭିଯୋଗ କରିଥିଲେ।

### ସେଣ୍ଟ କ୍ୟାଥରିନ ସ୍କୁଲରେ ବିଜ୍ଞାନ ଆଲୋଚନାଚକ୍ର

ରାଇକିଆ,୨୧ା୯(ଡ଼ି.ଏନ.ଏ): ରାଇକିଆ ସେଣ୍ଟ କ୍ୟାଥରିନ ବାଳିକା ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ରାସାୟନିକ ମୌଳିକ ବସ୍ତୁର ପର୍ଯ୍ୟାୟ ସାରଣୀ ଓ ମାନବ କଲ୍ୟାଣରେ ଏହାର ପ୍ରଭାବ ଶୀର୍ଷକ ଏହି ଆଲୋଚନାଚକ୍ରକୁ ପ୍ରଧାନ ଶିକ୍ଷକ ସୀମାଞ୍ଚଳ ଦିଗାଳ ଉଦ୍‌ଘାଟନ କରିଥିଲେ। ଏଥିରେ ୧୩ ଛାତ୍ରୀ ଭାଗ ନେଇଥିଲେ। ବିଜ୍ଞାନ ଶିକ୍ଷକ ଦେବବ୍ରତ ମଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛାତ୍ରୀମାନେ ନିଜର ସନ୍ଦର୍ଭ ଉପସ୍ଥାପନା କରିଥିଲେ। ସୁନେହା ପ୍ରଧାନ ଓ ଇତିଶ୍ରୀ ପ୍ରଧାନ ବ୍ଲକସ୍ତରୀୟ କାର୍ଯ୍ୟକ୍ରମରେ ଭାଗ ନେବା ପାଇଁ ମନୋନୀତ ହୋଇଛନ୍ତି। ବିଚାରକ ଭାବେ ବିଜ୍ଞାନ ଶିକ୍ଷକ ସଚିଦାନନ୍ଦ ଦିଗାଳ ଏବଂ ସୂର୍ଯ୍ୟନାରାୟଣ ପ୍ରଧାନ ଯୋଗ ଦେଇଥିଲେ। ଶିକ୍ଷକ ଭିକ୍ଟୋର ବଲିୟାର ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

### ଗଞ୍ଜେଇ ଜବତ, ଜଣେ ଗିରଫ

ଫିରିଙ୍ଗିଆ, ୨୧ା୯: ଗୋଚ୍ଛପଡା ଥାନା ପୋଲିସ ସଲାଗୁଡା ପଞ୍ଚାୟତ ତାମ୍ବିସୁଗା ପୋଲ ପାଖରେ ଚଢ଼ାଉ କରି ବାଇକ୍ (ନଂ.ଓଡି ୧୨ଏ ୧୧୪୦)ରୁ ୨୨ କେଜି ୭୦୦ ଗ୍ରାମ ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ତାମ୍ବିସୁଗା ଗ୍ରାମର ବିବେକ ଅମାତଙ୍କୁ ଗିରଫ କରାଯାଇଛି। ବାଇକରେ ଫୁଲବାଣୀକୁ ଗଞ୍ଜେଇ ଚାଲାଣ ହେଉଥିବା ବିଶେଷ ସୂତ୍ରରୁ ଖବରପାଇ ପୋଲିସ ଚଢ଼ାଉ କରିଥିଲା।

### ବ୍ଲକସ୍ତରୀୟ ଶିକ୍ଷଣ ସାମଗ୍ରୀ ମେଳା

ବେଗୁନିଆପଡ଼ା,୨୧ା୯(ଡି.ଏନ.ଏ.): ବେଗୁନିଆପଡ଼ା ବ୍ଲକ ଜନତା ନୋଡାଲ ହାଇସ୍କୁଲ ପରିସରରେ ଶନିବାର ବ୍ଲକ ସ୍ତରୀୟ ଶିକ୍ଷଣ ସାମଗ୍ରୀ ମେଳା ଅନୁଷ୍ଠିତ ହୋଇଯାଇଛି। ବିଡିଓ ପ୍ରଦୀପ କୁମାର ପଣ୍ଡା ଉଦ୍‌ଘାଟନ କରିଥିବାବେଳେ ବିଇଓ କମଳାକାନ୍ତ ସାହୁ ଅଧକ୍ଷତା କରିଥିଲେ। ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ବିଜୟ କୁମାର ଦୋରା, ଏବିଇଓ ରବି ନାରାୟଣ ମିଶ୍ର, ପ୍ରଧାନ ଶିକ୍ଷକ କେ. ଭୀମରାଜୁ ପାତ୍ର ପ୍ରମୁଖ ଯୋଗଦେଇଥିଲେ। ବିଚାରପତି ଭାବେ ପ୍ରକାଶ ଚନ୍ଦ୍ର ବେହେରା, ଦୀପକ କୁମାର ବିଶୋଇ, କିଶୋର କୁମାର ପଣ୍ଡା ଓ ସୀମାଞ୍ଚଳ ପଣ୍ଡା ଯୋଗ ଦେଇଥିଲେ। କେ ଆର ଲଚ୍ଛିପୁର ବିଦ୍ୟାଳୟ ପ୍ରକଳ୍ପ ପ୍ରଥମ, ଚନ୍ଦନପୁର ବିଦ୍ୟାଳୟ ଦ୍ୱିତୀୟ ଓ ଜେ.ଛଚିନା ବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରି ଜିଲା ସ୍ତରୀୟ ମେଳାକୁ ଯିବା ପାଇଁ ମନୋନୀତ ହୋଇଛନ୍ତି।

## ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ

କ.ନୂଆଗାଁ,୨୧ା୯

କ.ନୂଆଗାଁ ବ୍ଲକର ଦୁର୍ଗମ ଆଦିବାସୀ ବହୁଳ ଗ୍ରାମ ବାଲିଗାଡ ପଞ୍ଚାୟତକୁ ବାଲିଗୁଡା ବିଧାୟକ ଚକ୍ରମଣି କହଁର ପରିଦର୍ଶନ କରିଛନ୍ତି। ସେଠାରେ ଭାରତ ନିର୍ମାଣ ରାଜୀବଗାନ୍ଧୀ ସେବାକେନ୍ଦ୍ରର ଉଦ୍‌ଘାଟନ କରିଥିଲେ। ଉପସ୍ଥିତ ଲୋକଙ୍କ ସହ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ। ସେଠାରେ ଥିବା ଉଚ୍ଚ ପ୍ରାଥମିକ ସେବାଶ୍ରମ ବିଦ୍ୟାଳୟ ପରିଦର୍ଶନ କରି ଛାତ୍ରୀଛାତ୍ରଙ୍କୁ ସମସ୍ୟା ପଚାରି ବୁଝିଥିଲେ। ପରେ ଜିଡୁବାଡିଠାରେ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ କମ୍ୟୁନିଟି ହଲ୍ ଉଦ୍‌ଘାଟନ କରିଥିଲେ। ସରପଞ୍ଚ ବିଭୀଷଣ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ବିଧାୟକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷ ସୁଲୋଚନା ଦଳବେହେରା, ବିଜେଡି ଜିଲା ସମ୍ପାଦକ କୃଷ୍ଣମୋହନ ପାଣିଗ୍ରାହୀ, ବ୍ଲକ ବିଜେଡି ସଭାପତି ବାସୁଦେବ ପଣ୍ଡା ପ୍ରମୁଖ ଉପସ୍ଥଇତ ଥିଲେ। ପାନୀୟ ଜଳ, ବିଏସ୍‌ଏନ୍‌ଏଲ୍ ଟାୱାର ପ୍ରତିଷ୍ଠା, ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି, ବନ୍ଦ ଥିବା ସ୍ୱାସ୍ଥ୍ୟକେନ୍ଦ୍ରକୁ ପୁନର୍ବାର ଆରମ୍ଭ କରିବାକୁ ଲୋକେ ଅଞ୍ଚଳବାସୀ ବିଧାୟକଙ୍କୁ ଦାବି କରିଥିଲେ।


ମଞ୍ଚାସିନ ବିଧାୟକ ଓ ଅନ୍ୟମାନେ।

## ଗୋପାଳପୁର, ଗୋଳନ୍ଥରାରେ ମଦ କାରବାର ବୃଦ୍ଧି

ଗୋପାଳପୁର,୨୧ା୯

ଗୋପାଳପୁର ଓ ଗୋଳନ୍ଥରା ଅଞ୍ଚଳରେ ଚୋରା ଦେଶୀ ଓ ବିଦେଶୀ ମଦ କାରବାର ବଢ଼ିବାରେ ଲାଗିଛି। ଅବକାରୀ ବିଭାଗ ଜାଣି ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହିଁ। ଅନ୍ୟପଟେ ଗୋପାଳପୁର ବେଳାଭୂମି ଅଞ୍ଚଳରେ ଥିବା ଠିପି ବନ୍ଦ ବିଦେଶୀ ମଦ ଦୋକାନରୁ ମଧ ମଦ କିଣି ବେଳାଭୂମି ଓ ମତ୍ସ୍ୟ ଅବତରଣ କେନ୍ଦ୍ରରେ ନିଶାସକ୍ତ ବ୍ୟକ୍ତି ବିଭିନ୍ନ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ଗୋଳାବନ୍ଧ, ନୂଆ ଗୋଳାବନ୍ଧ, ଭେଙ୍କଟରାୟପୁର ଓ ଅନ୍ୟାନ୍ୟ ଗ୍ରାମରେ ଖୋଲାଖୋଲି ଚୋରା ଦେଶୀ ମଦ ବିକ୍ରି ହେଉଥିଲେ ମଧ ଚଢ଼ାଉ କରାଯାଉନଥିବା ଅଭିଯୋଗ ହୋଇଛି। ୨୦୧୩ ଫେବୃୟାରୀ ୧୩ରେ ବିଷାକ୍ତ ମଦ୍ୟପାନ କରି ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ବହୁ ବ୍ୟକ୍ତି ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇଥିଲେ। ଏଭଳି ମଦ ଚୋରା କାରବାର ବୃଦ୍ଧି ଘଟିଲେ ମଦମୃତ୍ୟୁ ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ସ୍ଥାନୀୟ ଅଞ୍ଚଳବାସୀ ଏ ସମ୍ପର୍କରେ ଅବକାରୀ ବିଭାଗକୁ ଜଣାଇଥିଲେ ମଧ କୌଣସି ସୁଫଳ ମିଳୁନାହିଁ। ଗୋଳନ୍ଥରା ଥାନାଞ୍ଚଳର ଇନ୍ଦ୍ରାକ୍ଷୀ, ଜୁଲୁ, ମାର୍କଣ୍ଡି, ମନ୍ତ୍ରିଡ଼ି ଗ୍ରାମଗୁଡ଼ିକରେ ବେଆଇନ ଭାବେ ଦୋକାନରେ ମଦ ବିକ୍ରି ଚାଲିଛି। ଉକ୍ତ ଅଞ୍ଚଳରେ ସରକାରୀ ସ୍ୱୀକୃତିପ୍ରାପ୍ତ ଦେଶୀ ମଦ ଦୋକାନରେ ମଦ ପ୍ରସ୍ତୁତ ହେଉଥିବା ସମୟରେ କୌଣସି ଅବକାରୀ କର୍ମଚାରୀ ସେଠାରେ ପହଞ୍ଚି ମାନ ଯାଞ୍ଚ ମଧ୍ୟ କରୁନାହାନ୍ତି। ଏ ନେଇ ବ୍ରହ୍ମପୁର ଅବକାରୀ ଅଧୀକ୍ଷକ ବିବେକାନନ୍ଦ ନାୟକଙ୍କୁ ପଚାରିବାରୁ ବିଭିନ୍ନ ଅଞ୍ଚଳରେ ଚଢ଼ାଉ ଜାରି ରହିଛି। ଚୋରା ମଦ କାରବାର ସମ୍ପର୍କରେ ଅଭିଯୋଗ ଆସିଲେ ତତ୍‌କ୍ଷଣାତ୍ ଚଢ଼ାଉ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯାଉଛି ବୋଲି କହିଥିଲେ।

## ମଧ୍ୟାହ୍ନ ଭୋଜନରେ ଝିଟିପିଟି

### ବିସ୍କୁଟ ଖାଇଲେ ଛାତ୍ରୀଛାତ୍ର

ତୁମୁଡ଼ିବନ୍ଧ,୨୧ା୯(ଡ଼ି.ଏନ.ଏ.)

ତୁମୁଡିବନ୍ଧ ବ୍ଲକ କଲୋନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନ ଭୋଜନ ଦିଆଯାଉଥିବା ବେଳେ ତରକାରୀରେ ଏକ ମଲା ଝିଟିପିଟି ପଡ଼ିଥିବା ପାଚିକା ଦେଖିଥିଲେ। ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ଦେଶିନାୟକ ଏହା ଜାଣିବା ପରେ ଛାତ୍ରୀଛାତ୍ରମାନଙ୍କୁ ଉକ୍ତ ନ ଖାଇବାକୁ କହିଥିଲେ। ତେବେ ସେତବେଳକୁ ବିଦ୍ୟାଳୟର ୨୦୦ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ପ୍ରାୟ ୬୦ ଜଣ ଭୋଜନ ଆରମ୍ଭ କରିଥିଲେ। ପ୍ରଧାନଶିକ୍ଷକଙ୍କ କହିବା ପ୍ରକାରେ ଛାତ୍ରଛାତ୍ରୀମାନେ ଆଉ ଖାଦ୍ୟ ନ ଖାଇ ଉଠିଯାଇଥିଲେ। ପରେ ସେମାନଙ୍କୁ ବିସ୍କୁଟ ଖାଇବାକୁ ଦିଆଯାଇଥିଲା। ଖବରପାଇ ବିଦ୍ୟାଳୟ ଶିକ୍ଷା କମିଟି ସଭାପତି ପ୍ରମୋଦ କୁମାର ମାନସେଠ୍ ସ୍କୁଲରେ ପହଞ୍ଚି ଅଭିଭାବକମାନଙ୍କୁ ଡକାଇଥିଲେ। କାଳେ କେହି ଅସୁସ୍ଥ ଅନୁଭବ କରିବେ ତାହା ପୂର୍ବରୁ ପ୍ରଧାନଶିକ୍ଷକ ଓ ଅଭିଭାବକମାନେ ଖାଦ୍ୟ ଆରମ୍ଭ କରିଥିବା ଛାତ୍ରୀଛାତ୍ରଙ୍କୁ ତୁମୁଡ଼ିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ପ୍ରାଥମିକ ଚିକିତ୍ସା କରାଇଥିଲେ। ତେବେ ସମସ୍ତ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବା ଡା. ଜ୍ୟୋତି ପ୍ରକାଶ ବିଶ୍ୱାଳ ପ୍ରକାଶ କରିଛନ୍ତି। ପାଚିକାମାନେ ଯେଭଳି ସତର୍କ ରହି ମଧ୍ୟାହ୍ନ ଭୋଜନ ରୋଷେଇ କରିବେ ସେଥିପ୍ରତି ପ୍ରଧାନ ଶିକ୍ଷକ ଗୁରୁତ୍ୱ ଦେବାକୁ ଅଭିଭାବକମାନେ କହିଛନ୍ତି।

## ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀ ମେଳା

ପୋଲସରା/ହାତୀଓଟ,୨୧ା୯

ପୋଲସରା ଏନ୍‌ଏସି ଗୋପବନ୍ଧୁ ହାଇସ୍କୁଲଠାରେ ଶନିବାର ବ୍ଲକସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଯାଇଛି। ବିଇଓ ତ୍ରିଲୋଚନ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ମେଳାକୁ ପୋଲସରା ବିଡିଓ ଶମ୍ଭୁନାଥ ନନ୍ଦୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥିଭାବେ ଗୋପବନ୍ଧୁ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ, ଏବିଇଓ/ବିଆର୍‌ସିସି ବାଳକୃଷ୍ଣ ପାତ୍ର, ଏବିଇଓ ବ୍ରହ୍ମାନନ୍ଦ ରଥ ଓ ସ୍ୱରୁପ କୁମାର ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ସାମ୍ପ୍ରତିକ ସ୍ଥିତିରେ ଶିଶୁମାନଙ୍କ ବୌଦ୍ଧିକ ବିକାଶ ପାଇଁ ଜ୍ଞାନବର୍ଦ୍ଧକ ମେଳାର ନିତ୍ୟାନ୍ତ ଆବଶ୍ୟକ ରହିଛି ବୋଲି ମୁଖ୍ୟଅତିଥି କହିଥିଲେ। ବ୍ଲକର ୧୬୦ ଗୋଟି ସ୍କୁଲରୁ ୫୭୦ଟି ଶିକ୍ଷାଦାନ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶିତ ହୋଇଥିଲା। ଏଥିରୁ ୨୫ଟି ଜିଲାସ୍ତରୀୟ ମେଳାକୁ ମନୋନିତ ହୋଇଥିବା ଏବିଇଓ/ବିଆର୍‌ସିସି ବାଳକୃଷ୍ଣ ପାତ୍ର କହିଛନ୍ତି। କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ୧୧ କ୍ଲଷ୍ଟରର ସିଆର୍‌ସିସି ଓ ବହୁ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।


ବିଚାରକମାନେ ମୂଲ୍ୟାୟନ କରୁଛନ୍ତି।

## ଦୁର୍ଘଟଣାଗ୍ରସ୍ତ ଅସହାୟ ବୃଦ୍ଧଙ୍କ ଚିକିତ୍ସା କଲା ପୋଲିସ

କୁକୁଡ଼ାଖଣ୍ଡି,୨୧ା୯(ଡି.ଏନ.ଏ.)

ଆଙ୍କୁଶପୁର ସଦର ପୋଲିସ ଜଣେ ଦୁର୍ଘଟଣାଗ୍ରସ୍ତ ଅସହାୟ ବୃଦ୍ଧଙ୍କ ଶନିବାର ଥାନାରେ ପ୍ରାଥମିକ ଚିକିତ୍ସା କରି ମାନବିକତା ଦେଖାଇଛି। ବୃଦ୍ଧ ହେଉଛନ୍ତି ପ୍ରତାପ କୃଷ୍ଣଚନ୍ଦ୍ରପୁର ଗ୍ରାମର ଦିନା ଗୌଡ଼ (୭୦)। ଦିନା କୌଣସି କାମରେ ମଧ୍ୟାହ୍ନରେ ସଦର ଥାନାକୁ ଆସୁଥିବାବେଳେ ପଡ଼ିଯିବାରୁ ମୁହଁରେ ଆଘାତ ଲାଗିଥିଲା। ଲହୁଲୁହାଣ ହୋଇ ଥାନାରେ ପହଞ୍ଚିବାରୁ ସେକେଣ୍ଡ ଅଫିସର ବିଭୂତି ଭୂଷଣ ସେଠୀ ଓ ଝୁନୁବାଲା ସାସମଲ, ଏଏସ୍ଆଇ ବିନୀତ କୁମାର ଶତପଥୀ ବୃଦ୍ଧଙ୍କ ଚିକିତ୍ସା କରିଥିଲେ। ବୃଦ୍ଧ ଜଣକ ଘରେ ଉପୁଜୁଥିବା ସମସ୍ୟା ସମାଧାନ ପାଇଁ ଥାନାରେ ଜଣାଇବାକୁ ଆସିଥିବା ଜଣାପଡିଥିଲା।


ଦିନାଙ୍କୁ ଚିକିତ୍ସା କରାଯାଉଛି।

## ସ୍ୱୟଂ ସହାୟିକା ଗୋଷ୍ଠୀର ଦକ୍ଷତା ବୃଦ୍ଧି ତାଲିମ ଶିବିର

ଜି.ଉଦୟଗିରି,୨୧ା୯(ଡି.ଏନ.ଏ.)

ଜି.ଉଦୟଗିରି କୃଷି ବିଜ୍ଞାନ କେନ୍ଦ୍ରଠାରେ ଶୁକ୍ରବାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଦକ୍ଷତା ବୃଦ୍ଧି ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଆଖତ ସହିତ ଜିଆ ଜଳ ସାରର ଉତ୍ପାଦନ କୌଶଳ ସମ୍ପର୍କରେ ତାଲିମ ପ୍ରଦାନ କରାଯାଉଛି ବୋଲି ତାଲିମ ନିର୍ଦ୍ଦେଶକ ବୈଜ୍ଞାନିକ ସୁଜିତ କୁମାର ମୁଖୀ କହିଛନ୍ତି। ତାଲିମ ଶିବିରରେ ପର୍ଯ୍ୟାୟକ୍ରମେ ୬୫ଟି ସ୍ୱୟଂ ସହାୟକ ଗୋଷ୍ଠୀର ୧୨୫ ମହିଳାଙ୍କୁ ୫ଟି ପର୍ଯ୍ୟାୟରେ ତାଲିମ ଦିଆଯିବ ବୋଲି ସେ କହିଥିଲେ। ମାଟିକୁ କିପରି ଉର୍ବର କରାଯାଇପାରିବ ସେ ସମ୍ପର୍କରେ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ଼. ଦେବାଶିଷ ମିଶ୍ର କହିଥିଲେ। ଜିଲା ମହିଳା ଶକ୍ତି ପ୍ରକଳ୍ପ ସଂଯୋଜକ ସୁନୀଲ କୁମାର ମଲିକ ମଧ୍ ଦକ୍ଷତା ବୃଦ୍ଧି ସମ୍ପର୍କରେ କହିଥିଲେ।


ମହିଳାମାନେ ଜିଆଖତ ଉତ୍ପାଦନ ତାଲିମ ନେଉଛନ୍ତି।

## ଅଧ୍ୟାପକ, ଅଭିଭାବକ ବୈଠକ

ପୁରୁଷୋତ୍ତମପୁର,୨୧ା୯(ଡି.ଏନ.ଏ.)

ପୁରୁଷୋତ୍ତମପୁର ତାରାତାରିଣୀ କଲେଜରେ ଶନିବାର ଅଧ୍ୟାପକ ଓ ଅଭିଭାବକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧକ୍ଷ ସୀମାଞ୍ଚଳ ପଟ୍ଟନାୟକ ପୌରୋହିତ୍ୟ କରିଥିଲେ। କଲେଜର ପ୍ରଶାସନିକ ଅଧିକାରୀ ସୁଦର୍ଶନ ପଣ୍ଡା, ଅଧ୍ୟାପିକା ଡ. ଗାୟତ୍ରୀ ଦାଶ, ଅଧ୍ୟାପକ ସମୀର କୁମାର ମିଶ୍ର, ଡ. ଶ୍ରୀରାମ ମିଶ୍ର, ରାମନାଥ ପାତ୍ର, ଗୋବର୍ଦ୍ଧନ ପଣ୍ଡା ଯୋଗଦେଇ ଥିଲେ। ବୈଠକ ଚଳିତ ବର୍ଷ ପ୍ରଥମ ଶତ ପ୍ରତିଶତ ଭାବରେ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ବୃଦ୍ଧି କରିବା, ପିଲାଙ୍କୁ ଉଚିତ ମାର୍ଗରେ ଗଢି ତୋଳିବା, ଶିକ୍ଷାର ମାନ ବୃଦ୍ଧି କରିବା ନେଇ ଗୁରୁତର ଆଲୋଚନା ହୋଇଥିଲା। ଶିକ୍ଷା କ୍ଷେତ୍ରରେ କିଭଳି ବିକାଶ ହେବ ଓ କଲେଜର ବିକାଶ ହୋଇପାରିବ ସେ ନେଇ ଅଭିଭାବକ ମାନେ ମଧ୍ୟ ବିଭିନ୍ନ ପ୍ରକାରର ପରାମର୍ଶ ଦେଇଥିଲେ।

## ଶିଳାନ୍ୟାସରେ ଅଟକିଛି ରାସ୍ତା

ରାଇକିଆ,୨୧ା୯(ଡ଼ି.ଏନ.ଏ)

ରାଇକିଆ ବ୍ଲକର ସବୁଠାରୁ ଦୁର୍ଗମ କରଡ଼ା, ରଣବା, ଇନ୍ଦ୍ରଗଡ଼, ବଡ଼ବାରବା ପଞ୍ଚାୟତକୁ ସଂଯୋଗ କରୁଥିବା ରାସ୍ତା ଦୀର୍ଘଦିନ ହେଲା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଘାଟି ରାସ୍ତା ଧୋଇ ଯାଇଥିବା ଏବଂ ବିଭିନ୍ନ ସ୍ଥାନରେ ମେଟାଲ ଉଠି ଯାଇଥିବାରୁ କୌଣସି ଯାନବାହାନ ଚଳାଚଳ କରି ପାରୁନାହିଁ। ଯେଉଁ ଗୋଟିଏ ଦୁଇଟି ବସ ଚଳାଚଳ କରୁଥିଲା ରାସ୍ତା ଖରାପ ଦର୍ଶାଇ ତାହା ମଧ୍ୟ ବନ୍ଦ ହୋଇଯାଇଛି। ତେଣୁ ଏସବୁ ଅଞ୍ଚଳବାସୀଙ୍କ ପାଇଁ ଏବେ କେବଳ ଅଟୋ ଭରସା। ଗାର୍ଡ଼ୱାଲ ନ ଥିବାରୁ ବିପଦପୂର୍ଣ୍ଣ ଅବସ୍ଥାରେ କରଡ଼ା ଘାଟିରେ ଯାତାୟତ କରିବାକୁ ପଡୁଛି। ଗତ ନିର୍ବାଚନ ପୂର୍ବରୁ ଏହି ରାସ୍ତାର ଉନ୍ନତୀକରଣ ପାଇଁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ସ୍ଥାନିତ କରାଯାଇ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଗତ ମାର୍ଚ୍ଚ ମାସ ପ୍ରଥମ ସପ୍ତାହରେ ତତ୍କାଳୀନ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କ ଦ୍ୱାରା ଏହି ରାସ୍ତାର ଶିଳାନ୍ୟାସ କରାଯାଇଥିଲା। ତେବେ ୬ ମାସରୁ ଉର୍ଦ୍ଧ୍ୱ ଦିନ ବିତି ଯାଇଥିଲେ ମଧ୍ୟ ରାସ୍ତା କାମ ଆରମ୍ଭ ହୋଇପାରିନାହିଁ। କାମ ବିଳମ୍ବ ଯୋଗୁ ବିଭିନ୍ନ କାମରେ ରାଇକିଆ ସହରକୁ ଆସିବାକୁ ଲୋକେ ଅସୁବିଧା ଭୋଗୁଛନ୍ତି। ଏ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ କହିଛନ୍ତି, ଉକ୍ତ ରାସ୍ତା କାମର ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଛି। ଖୁବଶୀଘ୍ର କାମ ଆରମ୍ଭ ହେବ।


ସ୍ଥାପନ ହୋଇଥିବା ଭିତ୍ତିପ୍ରସ୍ତର।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ରବିବାର, ସେପ୍ଟେମ୍ବର ୨୨/୨୦୧୯ Berhampur, Sunday, September 22/ 2019

### ସ୍କୁଲ ପରିଚାଳନାରେ ବିଭ୍ରାଟ

# ଶିକ୍ଷକ ବଦଳି ଦାବିରେ ଫାଟକରେ ତାଲା

**କବିସୂର୍ଯ୍ୟନଗର,୨୧।୯**

କବିସୂର୍ଯ୍ୟନଗର ବ୍ଲକ ବୋଲସର ଗ୍ରାମ ରଘୁନାଥ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଚାଳନାରେ ବିଭ୍ରାଟ ଅଭିଯୋଗ ହୋଇଛି। ଏଥିରେ ସୁଧାର ଲାଗି ୩ ଜଣ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି ପାଇଁ ଗ୍ରାମବାସୀ ଦାବି କରିଥିଲେ। କିନ୍ତୁ ଶିକ୍ଷା ବିଭାଗ ଦାବି ଗ୍ରହଣ ନ କରିବାରୁ ଶନିବାର ସକାଳେ ଗ୍ରାମବାସୀ ସ୍କୁଲରେ ତାଲା ପକାଇ ଆନ୍ଦୋଳନ କରିଥିଲେ। ବିଇଓ, ଏବିଇଓ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିବା ପରେ ୨ ଘଣ୍ଟା ବିଳମ୍ବରେ ୧୦ମ ଶ୍ରେଣୀ ଛାତ୍ରୀଛାତ୍ର ପ୍ରିଟେଷ୍ଟ ପରୀକ୍ଷା ଦେଇଥିଲେ।

ପ୍ରକାଶ ଯେ, ୧୯୪୮ରେ ପ୍ରତିଷ୍ଠିତ ଉକ୍ତ ବିଦ୍ୟାଳୟରେ ୧ ରୁ ୧୦ମ ଶ୍ରେଣୀରେ ମୋଟ ୨୮୧ ଜଣ ଶିକ୍ଷାର୍ଥୀ ପାଠ ପଢ଼ନ୍ତି। ଶନିବାର ଦଶମ ଶ୍ରେଣୀର ପ୍ରି-ଟେଷ୍ଟ ପରୀକ୍ଷା ଥିଲା। କିନ୍ତୁ ସ୍କୁଲକୁ ବିଳମ୍ବରେ ଆସିବା, ଓବିସି ସାର୍ଟିଫିକେଟ ପାଇଁ ଅର୍ଥ ଆଦାୟ କରି ପିଲାଙ୍କୁ ସାର୍ଟିଫିକେଟ ନ ଦେବା, ଠିକ କାର୍ଯ୍ୟ ନିର୍ବାହ କରୁ ନ ଥିବା ପ୍ରଧାନ ଶିକ୍ଷକ ଓ ୨ ଜଣ ଶିକ୍ଷକଙ୍କୁ ବଦଳି ପାଇଁ ଗ୍ରାମବାସୀ ଓ ପରିଚାଳନା କମିଟି ଦାବି କରିଥିଲେ। ଏ ନେଇ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କୁ ଅଭିଯୋଗ କରିଥିଲେ। ବିଧାୟିକା ନିଜ ପ୍ୟାଡରେ ପ୍ରଧାନ ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ପାତ୍ର, ବିଭୂତି ଭୂଷଣ ପାଣି ଓ ଗାୟତ୍ରୀ ବେହେରାଙ୍କୁ ଅନ୍ୟତ୍ର ବଦଳି ପାଇଁ ଗତ ଅଗଷ୍ଟ ୧୬ ତାରିଖରେ ଡିଇଓ ଏବଂ ବିଇଓଙ୍କ ନିକଟକୁ ଚିଠି ଲେଖିଥିଲେ। କିନ୍ତୁ ଏହା କାର୍ଯ୍ୟକାରୀ ନ ହେବାରୁ ସକାଳେ ସ୍କୁଲରେ ତାଲା ପକାଇ ଗ୍ରାମବାସୀ ଛାତ୍ରୀଛାତ୍ରଙ୍କ ସହ ଆନ୍ଦୋଳନ କରିଥିଲେ। ବିଇଓ ନିରଞ୍ଜନ ମିଶ୍ର ଓ ଏବିଇଓ କୈଳାସ ବେହେରା ପହଞ୍ଚି ଗ୍ରାମବାସୀ, ସଭାପତି ଲକ୍ଷ୍ମଣ ବେହେରାଙ୍କ ସହ ଆଲୋଚନା କରି ବଦଳି ପାଇଁ ପ୍ରତିଶ୍ରୁତି ଦେବା ପରେ ସ୍କୁଲ ଖୋଲିଥିଲା। ବିଇଓ ଆମ୍ବପୁଆ ଉନ୍ନିତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅନନ୍ତ ରାମ ଦଳାଇଙ୍କୁ ଏଠାରେ ଅବସ୍ଥାପିତ କରିବାକୁ ଗଞ୍ଜାମ ଜିଲା ଶିକ୍ଷାଧିକାରୀଙ୍କୁ ଚିଠି ଲେଖିଛନ୍ତି। ବଦଳି ପ୍ରକ୍ରିୟା ଶୀଘ୍ର କାର୍ଯ୍ୟକାରୀ ନ ହେଲେ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍କୁଲ ବନ୍ଦ କରାଯିବା ସହ ଆନ୍ଦୋଳନ ଜାରି ରହିବ ବୋଲି ସ୍କୁଲ ପରିଚାଳନା କମିଟି ସଭାପତିଙ୍କ ସହ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।



ବିଦ୍ୟାଳୟରେ ତାଲା ପକାଇ ଆନ୍ଦୋଳନ।

# ହୁଗୁଳାପଟା ଜଗନ୍ନାଥ ମନ୍ଦିରରୁ ଚୋରି

**କୁକୁଡ଼ାଖଣ୍ଡି,୨୧।୯(ଡି.ଏନ.ଏ)**

ଗଞ୍ଜାମ ଜିଲା ଆଙ୍କୁଶପୁର ସଦର ଥାନା ହୁଗୁଳାପଟା ଗ୍ରାମରେ ଥିବା ଜଗନ୍ନାଥ ମନ୍ଦିରରୁ ଶୁକ୍ରବାର ମଧ୍ୟରାତିରେ ଚୋରି ହୋଇଛି। ଏ ନେଇ ମନ୍ଦିର କମିଟି ମିଳିତ ଭାବେ ସଦର ଥାନାରେ ଲିଖିତ ଅଭିଯୋଗ ଦେଇଛନ୍ତି। ଅଭିଯୋଗକୁ ଭିତ୍ତିକରି ନିମଖଣ୍ଡି ଫାଣ୍ଡି ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ଶତପଥୀ ଓ ଥାନାଧିକାରୀ ସନ୍ତୋଷିନୀ ଓରାମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ଅଭିଯୁକ୍ତଙ୍କୁ ଶୀଘ୍ର ଧରାଯିବ ବୋଲି ଥାନାଧିକାରୀ କହିଛନ୍ତି। ପ୍ରକାଶ ଯେ, ମନ୍ଦିରରେ ଦୁଇଟି ଦାନହୁଣ୍ଡି ଥିଲା। ଶୁକ୍ରବାର ରାତିରେ ଚୋର ପଶି ହୁଣ୍ଡିକୁ ଭାଙ୍ଗି ସେଥିରେ ଥିବା ସମସ୍ତ ଟଙ୍କା ନେଇ ଯାଇଛନ୍ତି। ଅନ୍ୟ କିଛି ମିଳିବା ଆଶାରେ ମନ୍ଦିର ମଧ୍ୟରେ ଥିବା କାଗଜପତ୍ର ଓ ଜିନିଷକୁ ଏପଟେ ସେପଟେ ଫୋପାଡ଼ି ଦେଇଥିବା ସନ୍ଦେହ କରାଯାଇଛି।






### ସରକାରୀ ଯୋଜନାରେ ଦୁର୍ନୀତି

# ତଦନ୍ତ ନ ହେଲେ ବ୍ଲକ ଘେରିବ ଭାଜପା

**ପାତ୍ରପୁର,୨୧।୯(ଡି.ଏନ୍.ଏ.):**

ପାତ୍ରପୁର ବ୍ଲକରେ ବିଭିନ୍ନ ଯୋଜନାରେ ଦୁର୍ନୀତି ଚାଲିଥିବା ଭାଜପା ପକ୍ଷରୁ ଅଭିଯୋଗ ହୋଇଛି। ସରକାରୀ ଗାଇଡ଼ ଲାଇନ୍‌କୁ ଉପେକ୍ଷା କରାଯାଇ ଅର୍ଥ ବାଟମାରଣା ହୋଇଛି। ଏହାର ତଦନ୍ତ ପାଇଁ ଭାଜପା ପକ୍ଷରୁ ଶୁକ୍ରବାର ବିଭିନ୍ନ ବିଭାଗକୁ ଦାବିପତ୍ର ପ୍ରଦାନ କରାଯାଇଛି। ତୁରନ୍ତ ଏହାର ତଦନ୍ତ ନ ହେଲେ ଆସନ୍ତା ୨୬ ତାରିଖରେ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯିବ ବୋଲି ଭାଜପା ପକ୍ଷରୁ ଚେତାବନୀ ଦିଆଯାଇଛି। ଗତ ସପ୍ତାହରେ ବ୍ଲକ ପ୍ରଶାସନ ପକ୍ଷରୁ ହିତାଧିକାରୀଙ୍କୁ ବିଭିନ୍ନ ଭତ୍ତା, ଆବାସ ଯୋଜନା ଓ ନିର୍ମାଣ ଶ୍ରମିକଙ୍କୁ ପକ୍କାଘର ଯୋଜନାରେ ଗୃହ ନିର୍ମାଣ ଲାଗି କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ଏଥିରେ ଛାତ ଘର ଥିବା ଏବଂ ପୂର୍ବରୁ ଇନ୍ଦିରା ଆବାସ ପାଇଥିବା ଲୋକଙ୍କୁ ପୁଣି ଆବାସ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ଅନ୍ୟପକ୍ଷରେ ପଞ୍ଚାୟତରେ ଥିବା ପିଇଓ ଓ ଜିଆର୍‌ଏସ୍ ମାନେ ଶାସକ ଦଳ ଇଙ୍ଗିତରେ ତାଲିକା ପ୍ରସ୍ତୁତ କରି ପ୍ରଶାସନକୁ ଦେଇଛନ୍ତି। ଯାହାଫଳରେ ପ୍ରକୃତ ହିତାଧିକାରୀ ଯୋଜନାରୁ ବାଦ ପଡ଼ିଛନ୍ତି। ସେହିପରି ସଧବାଙ୍କୁ ବିଧବା ଦର୍ଶାଇ ଏବଂ ଭଲ ଲୋକଙ୍କୁ ଦିବ୍ୟାଙ୍ଗ ଦର୍ଶାଇ ଭତ୍ତା ଦିଆଯାଇଛି। ତିତ୍‌ଲି ବାତ୍ୟା ପରେ ଆସିଥିବା ଅନୁଦାନକୁ ଠିକ୍ କାର୍ଯ୍ୟରେ ବିନିଯୋଗ ନ କରି ହଡ଼ପ କରାଯାଇଛି। ଏସବୁ ଦୁର୍ନୀତିର ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଭାଜପା ଦାବି କରିଛି। ଏ ନେଇ ଦାବିପତ୍ର ପାତ୍ରପୁର ବିଡିଓ, ତହସିଲଦାର ଓ ଜରଡ଼ା ଥାନାରେ ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ଭାଜପାର ମନୋରଞ୍ଜନ ଦ୍ୟାନ ସାମନ୍ତରା, ତ୍ରିନାଥ ମିଶ୍ର, ଦିନବନ୍ଧୁ ପ୍ରଧାନ, ପ୍ରଦୀପ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଦାବିପତ୍ରର ନକଲ ପ୍ରକଳ୍ପ ନିର୍ଦ୍ଦେଶକ, ବ୍ରହ୍ମପୁର ଉପଜିଲାପାଳ, ଏସ୍‌ପି, ଦୁର୍ନୀତି ନିବାରଣ ବିଭାଗ, ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଡାକ ଯୋଗେ ପ୍ରଦାନ କରାଯାଇଛି।

# ଶାଳ କାଠ, ୩ ସାଇକେଲ ଜବତ

**ବୁଗୁଡ଼ା,୨୧।୯(ଡି.ଏନ୍.ଏ.):** ବୁଗୁଡ଼ା ବନ ବିଭାଗ ଶନିବାର ସକାଳେ ଗୋଲିଆ ନିକଟରେ ୩ ସାଇକେଲ ଓ ୧୬ ଖଣ୍ଡ ସାଇଜ୍ ଶାଳ କାଠ ଜବତ କରିଛି। କାଠ ଚାଲାଣକାରୀ ଫେରାର ହୋଇଯାଇଛନ୍ତି। ଶନିବାର ସକାଳେ ୩ଟି ସାଇକେଲରେ ଶାଳ କାଠ ଯାଉଥିବା କୌଣସି ସୂତ୍ରରୁ ଖବରପାଇ ମିଳିଥିଲା। ବନାଞ୍ଚଳ ଅଧିକାରୀ ଦୁଃଶାସନଙ୍କ ନେତୃତ୍ୱରେ ବନରକ୍ଷୀ ଶିବରାମ ପାତ୍ର, ରତ୍ନାକର ମଲିକ ପ୍ରମୁଖ ଗୋଲିଆ ନିକଟରେ କାଠ ଚାଲାଣକାରୀଙ୍କୁ ଧରିବା ପାଇଁ ଉଦ୍ୟମ କରିଥିଲେ। ତେବେ ଚାଲାଣକାରୀମାନେ ସାଇକେଲ ଓ କାଠ ଛାଡ଼ି ଦୌଡ଼ି ପଳାଇ ଯାଇଥିଲେ। ବନ କର୍ମଚାରୀମାନେ ୩ ସାଇକେଲ ଓ ସାଇଜ୍ ଶାଳ କାଠ ଜବତ କରିଥିଲେ।


**ଶ୍ରୀରାମ ରକ୍ଷା କବଚ**
ଜୀବନର ଯେ କୌଣସି ସମସ୍ୟାର ସମାଧାନ ପାଇଁ ବହୁ ପରୀକ୍ଷିତ ଶ୍ରୀରାମ ରକ୍ଷା କବଚ ନୀତି ନିୟମରେ ଧାରଣ କରନ୍ତୁ। ପ୍ରାପ୍ତି ପାଇଁ ଯୋଗାଯୋଗ କରନ୍ତୁ:
**ଶ୍ରୀ ରବି ମିଶ୍ର, ଜ୍ୟୋତିର୍ବିଦ୍**
ତାରିଣୀ ବିହାର, କୁମ୍ଭାରସାହି, ବିଡ଼ାନାସୀ, କଟକ - ୧୪
ମୋ: ୯୪୩୯୧୪୯୯୭୫
ପ୍ରତ୍ୟେକ ବୁଧବାର ମାଗଣା ଜାତକ ବିଚାର କରାଯାଏ।


# ଆକ୍ରମଣ କରି ଟଙ୍କା, ବାଇକ୍ ଲୁଟ୍ ଘଟଣା: ୩ ଗିରଫ

**ଛତ୍ରପୁର,୨୧।୯(ଡି.ଏନ.ଏ)**

ଚମାଖଣ୍ଡି ଥାନା ଅଧୀନ ବନ୍ଦର ଗାଁକୁ ଯିବା ରାସ୍ତାରେ ଗତ ୧୭ ତାରିଖ ସ୍ୱଷ୍ଟ ଦିବାଲୋକରେ ଏଲ୍. ଯୋଗେଶଙ୍କୁ ସଂଘବଦ୍ଧ ଆକ୍ରମଣ କରାଯାଇଥିଲା। ତାଙ୍କଠାରୁ ୩୮ ହଜାର ଟଙ୍କା ଓ ବାଇକ୍ ଲୁଟ୍ ହୋଇଥିଲା। ଏହି ଘଟଣାରେ ଅଭିଯୁକ୍ତମାନଙ୍କ ମଧ୍ୟରୁ ୩ ଜଣଙ୍କୁ ଚମାଖଣ୍ଡି ପୋଲିସ ଗିରଫ କରିଛି। ସେମାନେ ହେଲେ କୂଅପଲ୍ଲୀର ସନ୍ତୋଷ ପ୍ରଧାନ, ନାରାୟଣପୁରର ଗିରିଧାରୀ ପ୍ରଧାନ ଓ ଦିବାକର ପ୍ରଧାନ। ଏମାନଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଥିବା ଥାନା ଆଇଆଇସି ସହଦେବ ମହାପାତ୍ର ସୂଚନା ଦେଇଛନ୍ତି। ଏଥିସହ ଲୁଟ୍ ହୋଇଥିବା ବାଇକ୍ ଉଦ୍ଧାର ହୋଇଛି। ଘଟଣାରେ ସମ୍ପୃକ୍ତ ଅନ୍ୟ ୫ ଜଣଙ୍କୁ ଧରିବା ପାଇଁ ପୋଲିସ ଉଦ୍ୟମ ଚଳାଇଛି।

୧୭ ତାରିଖ ଅପରାହ୍ନରେ ବନ୍ଦର ଗାଁର ଯୋଗେଶ ବାଇକ ଯୋଗେ ଚମାଖଣ୍ଡିରୁ ଫେରୁଥିବା ବେଳେ ରାସ୍ତାରେ ତାଙ୍କୁ ୮ ଜଣ ଅଟକାଇ ୮ ହଜାର ଟଙ୍କା ଛଡାଇ ନେଇଥିଲେ। ସେମାନେ ଯୋଗେଶଙ୍କ ଏଟିଏମ୍ କାର୍ଡ ନେଇଯାଇ ପିନ୍ ନମ୍ବର ମାଗିଥିଲେ। ଯୋଗେଶ ସେ ସମୟରେ ଭୁଲ୍ ନମ୍ବର କହିଥିଲେ। ୨ ଅଭିଯୁକ୍ତ ଯୋଗେଶଙ୍କ ବାଇକ୍ ଓ ଏଟିଏମ କାର୍ଡ ନେଇ ଟଙ୍କା ଉଠାଇବାକୁ ଯାଇଥିଲେ। ଅନ୍ୟମାନେ ନିକଟସ୍ଥ ଏକ ଜଙ୍ଗଲରେ ଯୋଗେଶଙ୍କୁ କାବୁ କରି ରଖିଥିଲେ। ପିନ୍ ନମ୍ବର ଭୁଲ ଯୋଗୁ ୨ ଅଭିଯୁକ୍ତ ଏଟିଏମରୁ ଟଙ୍କା ଉଠାଇ ପାରୁ ନ ଥିବା ତାଙ୍କ ସହଯୋଗୀଙ୍କୁ ଫୋନରେ କହିଥିଲେ। ପରେ ମାଡ ମାରି ଯୋଗେଶଙ୍କଠାରୁ ଠିକ୍ ପିନ୍ ନେଇ ଅଭିଯୁକ୍ତମାନେ ତାଙ୍କ ଆକାଉଣ୍ଟରୁ ୩୦ ହଜାର ଟଙ୍କା ଉଠାଇ ନେଇଥିଲେ। ପରେ ଯୋଗେଶଙ୍କୁ ସେମାନେ ଛାଡି ଚାଲି ଯାଇ ଥିଲେ। ଏ ନେଇ ଚମାଖଣ୍ଡି ଥାନାରେ ଯୋଗେଶଙ୍କ ଏତଲା ପ୍ରକାରେ ପୋଲିସ ଏକ ମାମଲା (ନଂ.୧୧୧/୧୯) ରୁଜୁ କରି ତଦନ୍ତ ଚଳାଇଥିଲା।

# ଆକ୍ରମଣ ମାମଲା, ୨ ଅଭିଯୁକ୍ତ ଜେଲ ଗଲେ

**ଦିଗପହଣ୍ଡି, ୨୧।୯ (ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ଭ୍ରମରପୁର ପଞ୍ଚାୟତ ନାରାୟଣପୁର ଗ୍ରାମର ବାଲ୍ମୀକି ନାଇକ ଓରଫ ଟେଣ୍ଟୁ ଓ ବାସୁଦେବ ନାଇକଙ୍କୁ କେ.ନୂଆଗାଁ ପୋଲିସ ଶନିବାର ଅପରାହ୍ନରେ କୋର୍ଟ ଚାଲାଣ କରିଛି। ମାମଲା ନଂ.୧୮୨/୧୯ ଦଫା ୩୪୧/୨୯୪/୩୨୪/୫୦୬/୩୪ ଅନୁଯାୟୀ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ସନ୍ଧ୍ୟାରେ ଦିଗପହଣ୍ଡି ସବ ଜେଲ ହାଜତକୁ ପଠାଯାଇଛି। ଶୁକ୍ରବାର ଅପରାହ୍ନ ପ୍ରାୟ ୨ଟାରେ ଗ୍ରାମର ମନୋଜ ନାଇକ ଗୋଲାପି ନାଇକଙ୍କ ଘର ବାରଣ୍ଡାରେ ବସି କଥା ହେଉଥିବା ବେଳେ ବାସୁଦେବ ସେଠାରେ ପହଞ୍ଚି ମନୋଜଙ୍କୁ ଜାବୁଡି ଧରିଥିଲେ। ବାଲ୍ମୀକି ଏକ କୁରାଢ଼ିରେ ମନୋଜଙ୍କ ବାମ କାନ୍ଧକୁ ହାଣି ଚମ୍ପଟ ମାରିଥିଲେ। ରକ୍ତ ଜୁଡୁବୁଡୁ ହୋଇ ପଡ଼ିଥିବା ମନୋଜଙ୍କୁ ତାଙ୍କ ଭାଇ ହରି ଉଦ୍ଧାର କରି ବମୋକେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ସେ ଏନେଇ ଥାନାରେ ଏତଲା ଦେଇଥିଲେ। ଗୁରୁବାର ରାତିରେ ଜୁଆ ଖେଳକୁ କେନ୍ଦ୍ର କରି ମନୋଜ ଓ ବାଲ୍ମୀକିଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଶୁକ୍ରବାର ଅପରାହ୍ନରେ ନିଶାସକ୍ତ ଅବସ୍ଥାରେ ଥିବା ବାଲ୍ମୀକି ଓ ତାଙ୍କ ସମ୍ପର୍କୀୟ ଭାଇ ବାସୁଦେବ ପ୍ରତିଶୋଧ ପରାୟଣ ହୋଇ ମନୋଜଙ୍କୁ ଆକ୍ରମଣ କରିଥିବା ପୋଲିସର ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି।

# କେନାଲରେ ବୁଡ଼ି ବୃଦ୍ଧା ମୃତ

**ପୁରୁଷୋତ୍ତମପୁର,୨୧।୯(ଡି.ଏନ.ଏ.)**

ପୁରୁଷୋତ୍ତମପୁର ଥାନା କେଏନପୁରରେ ଶନିବାର ହିରାଧରବାଟି କେନାଲରେ ବୁଡି ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏସ ରୁକୁଣା ପ୍ରଧାନ (୭୩)। ଏ ନେଇ ପୋଲିସ ନଂ.୨୭/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ରୁକୁଣା ଗ୍ରାମ ନିକଟ କେନାଲକୁ ଗାଧୋଇବାକୁ ଯାଇ ଗୋଡ ଖସିଯିବାରୁ ପାଣିରେ ବୁଡି ଯାଇଥିଲେ। ଉପସ୍ଥିତ ଲୋକେ ତାଙ୍କୁ ଉଦ୍ଧାର କରି ପୁରୁଷୋତ୍ତମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଇଛି।






2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ।